


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୧୬ ● ୨୫ ମଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-116 ● 25th May 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଆମର ଏକମାତ୍ର ଲକ୍ଷ୍ୟ

**ନୂଆଦିଲ୍ଲୀ, ୨୪।୫**

୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ଆମର ଏକମାତ୍ର ଲକ୍ଷ୍ୟ ହେବା ଦରକାର। ସବୁ ରାଜ୍ୟ, ସହର, ନଗରପାଳିକା ଓ ଗାଁକୁ ବିକଶିତ କରିବା ହେଉଛି ଆମର ଏକମାତ୍ର ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ୨୦୨୭କୁ ଅପେକ୍ଷା ନ କରି ଏବେଠୁ କାର୍ଯ୍ୟ କରିବା ଲାଗି ନୀତି ଆୟୋଗ ପରିଚାଳନା ପରିଷଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମେ ଏପରି ନୀତି ନିର୍ଦ୍ଧାରଣ କରିବା, ଯାହା ସାଧାରଣ ବ୍ୟକ୍ତିର ଉନ୍ନତି କରିବ। ପରିବର୍ତ୍ତନ ଯେପରି ଆନ୍ଦୋଳନର ରୂପ ନେବ ତାହା କରିବା। ଆମ ଶକ୍ତିରେ ମହିଳାମାନଙ୍କୁ ମଧ୍ୟ ସାମିଲ କରିବା ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

ବିକାଶର ଗତି ବୃଦ୍ଧି ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଯଦି କେନ୍ଦ୍ର ଏବଂ ସମସ୍ତ ରାଜ୍ୟ ଏକାଠି ହୋଇ ଟିମ ଇଣ୍ଡିଆ ପରି କାମ କରନ୍ତି, ତେବେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ।

ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିକାଶ ଭାରତ (ବିକଶିତ ଭାରତ) ପ୍ରତ୍ୟେକ ଭାରତୀୟଙ୍କ ଲକ୍ଷ୍ୟ ଏବଂ ଯେତେବେଳେ ପ୍ରତ୍ୟେକ ରାଜ୍ୟ ବିକାଶ ହେବ, ସେତେବେଳେ ଭାରତ ବିକାଶ ହେବ। ଏହା ୧୪୦ କୋଟି ନାଗରିକଙ୍କ ଆକାଂକ୍ଷା ବୋଲି ସେ ପ୍ରକାଶ କରିଛନ୍ତି।





ଆମେ ଗୋଟିଏ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଉଚିତ, ୨୦୪୭ ସୁଦ୍ଧା ଭାରତକୁ ବିକାଶ କରିବା। ଆମର ପ୍ରତ୍ୟେକ ରାଜ୍ୟ, ସହର, ନଗର ପାଳିକା ଏବଂ ପ୍ରତ୍ୟେକ ଗ୍ରାମ ବିକାଶ କରିବାର ଲକ୍ଷ୍ୟ ରହିବା ଉଚିତ। ଯଦି ଆମେ ଏହି ଧାରାରେ କାମ କରୁ, ତେବେ ଆମକୁ ବିକଶିତ ଭାରତ ଗଠନ କରିବା ପାଇଁ ୨୦୪୭ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆମକୁ ଏପରି ଭାବରେ କାମ କରିବା ଉଚିତ ଯେ କାର୍ଯ୍ୟକାରୀ ନୀତିଗୁଡ଼ିକ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ। ଯେତେବେଳେ ଲୋକମାନେ ପରିବର୍ତ୍ତନ ଅନୁଭବ କରିବେ, ସେତେବେଳେ ଏହା ପରିବର୍ତ୍ତନକୁ ମଜଭୂତ କରିବ ଏବଂ ପରିବର୍ତ୍ତନକୁ ଏକ ଆନ୍ଦୋଳନରେ ପରିଣତ କରିବାରେ ସହାୟକ ହେବ। ୧୪୦ କୋଟି ଲୋକଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଏକ ଦଳ ଭାବରେ ଆମ ପାଖରେ ସୁଯୋଗ ରହିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସରକାରମାନଙ୍କୁ କର୍ମଶକ୍ତିରେ ମହିଳାମାନଙ୍କୁ ସାମିଲ କରିବା ପାଇଁ କାର୍ଯ୍ୟ କରିବାକୁ ପଡିବ। ଆମକୁ ଆଇନ, ନୀତି ତିଆରି କରିବାକୁ ପଡିବ, ଯାହାଦ୍ୱାରା ସେମାନେ ସମ୍ମାନର ସହିତ କାର୍ଯ୍ୟଶକ୍ତିରେ ସାମିଲ ହୋଇପାରିବେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇ କହିଛନ୍ତି ଯେ ରାଜ୍ୟଗୁଡ଼ିକ ବିଶ୍ୱ ମାନଦଣ୍ଡ ସହିତ ସମକକ୍ଷ ଏବଂ ସମସ୍ତ ସୁବିଧା ଓ ଭିତ୍ତିଭୂମି (ପୃଷ୍ଠା ୭ରେ)

## ଆଗାମୀ ୨୫ ବର୍ଷ ପାଇଁ ଭାରତର ଗ୍ରୋଥ୍ ଇଞ୍ଜିନ ହେବ ଓଡ଼ିଶା

**ନୂଆଦିଲ୍ଲୀ, ୨୪।୫**

ଓଡ଼ିଶା ଆଗାମୀ ୨୫ ବର୍ଷ ପାଇଁ ଭାରତର ଗ୍ରୋଥ ଇଞ୍ଜିନ ହେବାକୁ ଯାଉଛି । ଆଗାମୀ ୨୦୪୭ ମସିହା ସୁଦ୍ଧା ଓଡ଼ିଶା ୧.୫ ଟ୍ରିଲିୟନର ଅର୍ଥନୀତି ହେବ । ନୂଆଦିଲ୍ଲୀ ଠାରେ ନୀତି ଆୟୋଗର ପରିଚାଳନା ପରିଷଦର ବୈଠକରେ ଶନିବାର ଦିନ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଏହି ବୈଠକର ଅଧ୍ୟକ୍ଷତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିଲେ।

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବୈଠକରେ କହିଥିଲେ ଯେ ଭାରତର ଅର୍ଥନୀତିର ବିକାଶ ହାର ବର୍ତ୍ତମାନ ୬.୪ ପ୍ରତିଶତ ହାରରେ ରହିଛି । ଏହା ଅନ୍ୟ ସମସ୍ତ ବୈଶ୍ୱିକ ଅର୍ଥନୀତି ଠାରୁ ଅଧିକ । ଏହି ସମାନ ସମୟରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟର ବିକାଶ ହାର ୭.୨ ପ୍ରତିଶତ ରହିଛି । ଗତ ୧୧ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଞ୍ଚ ଥର ଓଡିଶା ଆସିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି । ଏହା ପ୍ରମାଣିତ କରୁଛି ଯେ ସେ ଓଡିଶାର ବିକାଶ ପାଇଁ କେତେ ପ୍ରତିବଦ୍ଧ ଅଛନ୍ତି ।

କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ୭୩,୦୦୦ କୋଟିର ନୂଆ ରେଳୱେ ପ୍ରକଳ୍ପ ଓ ୪,୬୦୦ କୋଟିର ଜାତୀୟ ରାଜପଥ ପ୍ରକଳ୍ପକୁ ଅନୁମୋଦନ ଦେଇଥିବା କାରଣରୁ ରାଜ୍ୟ କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞ। ସେ କହିଛନ୍ତି ଯେ ୧୭,୫୦୦ କୋଟିର ଅନ୍ୟାନ୍ୟ (ପୃଷ୍ଠା ୭ରେ)

## ଦେଶରେ ବୃଦ୍ଧି ପାଉଛି କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮ରେ କୋଭିଡ୍ ସମୀକ୍ଷା ବୈଠକ



**ନୂଆଦିଲ୍ଲୀ, ୨୪।୫**

ପୁଣି ଥରେ ଲେଉଟୁଛି କରୋନା। ଧୀରେ ଧୀରେ କରୋନା ସଂକ୍ରମଣ ଦେଶବ୍ୟାପୀ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢୁଥିବାରୁ ସରକାରଙ୍କ ପାଇଁ ଏହା ସତର୍କ ଘଣ୍ଟି ସଦୃଶ ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଆସନ୍ତା ୨୮ ତାରିଖରେ ସରକାର ଏହାର ସମୀକ୍ଷା କରିବେ ବୋଲି କହିଛନ୍ତି।

ସିଙ୍ଗାପୁର ଏବଂ ହଂକଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ଭାରତ ମଧ୍ୟରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଗତ ସପ୍ତାହେ ଦୁଇ ସପ୍ତାହ ମଧ୍ୟରେ ଏକାଧିକ ରାଜ୍ୟରେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେରଳରେ ସର୍ବାଧିକ ସଂକ୍ରମିତ ଠାବ ହୋଇଥିବା ଜଣାପଡ଼ିଛି। ଏଠାରେ ୨୭୩ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୪୫, ଗୁଜରାଟରେ ୩୪ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେହିପରି କର୍ଣ୍ଣାଟକରେ ୩୫, ଦିଲ୍ଲୀରେ ୨୩, (ପୃଷ୍ଠା ୭ରେ)

## ବଦଳିବ ମେଟ୍ରୋ ଡିପିଆର

**ଭୁବନେଶ୍ୱର, ୨୪।୫**
**ନ୍ୟୁଜ୍ ବ୍ୟୁରୋ**

ବଦଳିବ ମେଟ୍ରୋ ଡିପିଆର। ତ୍ରିଶୂଳିଆରୁ ବିମାନ ବନ୍ଦର ପର୍ଯ୍ୟନ୍ତ ଭାଏବୁଲ ହେଉନଥିବାରୁ ନୂଆ ଡିପିଆର ପ୍ରସ୍ତୁତ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମେଟ୍ରୋ ରୁଟ କଣ ରହିବ, କେଉଁ ପର୍ଯ୍ୟନ୍ତ ଯିବ ସେ ସବୁ କଥା ନେଇ ଦୁଇ ତିନି ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ। କେମିତି ହେଲେ ଭଲ ହେବ ସେ ନେଇ ଉଚ୍ଚସ୍ତରୀୟ ବୈଠକ ବସିବ। ପୂର୍ବରୁ ଦୁଇଟି ବୈଠକ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଆଉ ଏକ ବୈଠକ ବସିବ। ସରକାରଙ୍କ ବର୍ଷେ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଏ ନେଇ ବଡ ଘୋଷଣା କରି ପାରନ୍ତି ବୋଲି ସୂଚନା ମିଳିଛି ।

## ମୃତ ଫରେଷ୍ଟ ଗାର୍ଡଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୫**
**ନ୍ୟୁଜ୍ ବ୍ୟୁରୋ**

ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ (ପୃଷ୍ଠା ୭ରେ)

## ବେଆଇନ ଖଣି ଖନନର ତଦନ୍ତ ପାଇଁ ଭିଜିଲାନ୍ସ ଏସ୍ଆଇଟି ଟିମ୍ ଗଠନ



**ଭୁବନେଶ୍ୱର, ୨୪।୫ : ନ୍ୟୁଜ୍ ବ୍ୟୁରୋ**

ବେଆଇନ ଖଣି ଖନନର ତଦନ୍ତ ପାଇଁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗଠନ କରିଛି ସ୍ୱତନ୍ତ୍ର ତଦନ୍ତକାରୀ ଟିମ(ଏସଆଇଟି)। ଏହି ଏସଆଇଟି ବେଆଇନ ଖଣି ଖନନ ନେଇ ତଦନ୍ତ ଆରମ୍ଭ କରିଥିବା ଭିଜିଲାନ୍ସ ସେଲ ଏସପି ଏମ ରାଧାକ୍ରିଷ୍ଣ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ପରାମର୍ଶ କ୍ରମେ ଏହି ଏସଆଇଟି ଗଠନ କରାଯାଇଛି। ବିଶେଷ କରି ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଓ ହେମଗିରି ଅଞ୍ଚଳରେ ବେଆଇନ ଖଣି କାରବାର ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ ଏସ୍ଆଇଟି । ହେମଗିରି ଅଞ୍ଚଳରେ ବ୍ୟାପକ ବେଆଇନ କୋଇଲା ଉତ୍ତୋଳନ ଓ କୋଇଡା ତହସିଲ ଅଧିନରେ ବ୍ୟାପକ ମାଙ୍ଗାନିଜ ଓ ଲୁହା ପଥର ଖନନ ଏବଂ ଚୋରାଚାଲାଣ ହେଉଥିବା ନେଇ ନିର୍ଦ୍ଦିଷ୍ଟ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବନକର୍ମଚାରୀ ଟଳି ପଡନ୍ତି
ଶିକାରୀ ଉଠନ୍ତି ମାତି
ବିଭତ୍ସ ହତ୍ୟାର କରୁଣ ଚିତ୍କାର
ଥରାଏ ରାତିର ଛାତି
ସରକାରଙ୍କୁ ଏହି ମିନତି
ସଶସ୍ତ୍ରସଶକ୍ତ କଲେ ବିଭାଗକୁ
ବଦଳିବ ନିଶ୍ଚେ ଗତି।

## ମାତୃତ୍ୱ ଛୁଟିକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



**ନୂଆଦିଲ୍ଲୀ, ୨୪।୫**

କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଅଧିକାରକୁ ନେଇ ସୁପ୍ରିମକୋର୍ଟ ଶନିବାର ଏକ ଗୁରତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାମାନଙ୍କର ଏକ ସାମ୍ବିଧାନିକ ଅଧିକାର। ଏପରି କି ୩ୟ ସନ୍ତାନ ପାଇଁ ବି ମହିଳା ଏହି ଛୁଟି ନେଇପାରିବେ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ତୃତୀୟ ସନ୍ତାନ ପାଇଁ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ମାତୃତ୍ୱ ଛୁଟି ଦିଆଯାଇପାରିବ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଦେଇଥିବା ରାୟକୁ ଖାରଜ କରି, ମାତୃତ୍ୱ ଛୁଟି କେବଳ ଏକ ସାମାଜିକ ନ୍ୟାୟ ନୁହେଁ ବରଂ ଏକ ସାମ୍ବିଧାନିକ ଗ୍ୟାରେଣ୍ଟି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ବିଚାରପତି ଅଭୟ ଏସ. ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ, କାର୍ଯ୍ୟରତ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ରକ୍ଷା କରିବା ଦିଗରେ ମାତୃତ୍ୱ ଛୁଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ସମୟରେ କାର୍ଯ୍ୟଶକ୍ତିର (ପୃଷ୍ଠା ୭ରେ)

## କେରଳ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



**ନୂଆଦିଲ୍ଲୀ, ୨୪।୫**

କେରଳ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଶନିବାର ପୂର୍ବାହ୍ନରେ କେରଳ ଛୁଇଁଛି ମୌସୁମୀ ବାୟୁ। ସ୍ୱାଭାବିକ ତାରିଖର ୮ ଦିନ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଛି ।

କେରଳରେ ମୌସୁମୀ ପ୍ରବେଶ କରିଛି । ଏହା ନିର୍ଦ୍ଧାରିତ ସମୟର ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ ଚାଲିଛି । ଗତ ୧୬ ବର୍ଷ ମଧ୍ୟରେ ଏହି ବର୍ଷ ମୌସୁମୀ କେରଳରେ ସବୁଠାରୁ ଶୀଘ୍ର ପହଞ୍ଚିଛି । ରାଜ୍ୟରେ ମୌସୁମୀ ଆଗମନ ପାଇଁ ସମସ୍ତ ଅନୁକୂଳ ପରିସ୍ଥିତି ଥିଲା। ଗତ ଦୁଇ ଦିନ ଧରି କେରଳର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଏହା ଏକ ନିମ୍ନ ଚାପ କ୍ଷେତ୍ର ଏବଂ ଏକ ପ୍ରଗତିଶୀଳ ମୌସୁମୀ ପ୍ରଣାଳୀର ମିଶ୍ରଣ ଯୋଗୁଁ ଘଟୁଛି । ରାଜ୍ୟରେ ଏତେ ଶୀଘ୍ର ମୌସୁମୀ ୨୦୦୯ ଏବଂ ୨୦୦୧ ମସିହାରେ ପହଞ୍ଚିଥିଲା। ଏହା ପରେ ମେ ୨୩ ତାରିଖରେ ରାଜ୍ୟରେ ପହଞ୍ଚିଥିଲା। (ପୃଷ୍ଠା ୭ରେ)


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 NBA Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 World University Rankings
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.





## — ସ୍ୱଳ୍ପ ବୃଷ୍ଟିରେ ପୁଣି ମାଟି ଧସିଲା —

# ନନ୍ଦପୁର-ଲମତାପୁଟ ରାସ୍ତା ପାଲଟିଲା ମରଣଯନ୍ତା



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଗତ କିଛି ଦିନ ତଳେ ନନ୍ଦପୁର ଠାରୁ ବନମାଳିପୁଟ ଦେଇ ଲମତାପୁଟକୁ ସଂଯୋଗ କରୁଥିବା ନୂତନ ରାସ୍ତା ସ୍ଥାନୀୟ ଗେରୁପୁଟ ନିକଟରେ ରାସ୍ତା କଡ ମାଟି ଧୋଇଯାଇଥିବା ଖବର ପ୍ରକାଶିତ ହେବାପରେ ଗୁରୁବାର ଦିନ ସ୍ୱଳ୍ପ ବୃଷ୍ଟିରେ ସେହି ସ୍ଥାନରେ ପୁଣି ୧୦୦ ମିଟରରୁ ଉର୍ଦ୍ଧ୍ୱ ମାଟି ଧୋଇ ହୋଇଯାଇଛି । ଖବର ପ୍ରକାଶିତ ହେବାପରେ ମଧ୍ୟ କୌଣସି ପ୍ରଶାସନ, ପୂର୍ତ୍ତ ବିଭାଗ ବା ଠିକାଦାର ସଂସ୍ଥାର ନଜର ନାହିଁ । ବିପଦ ସଙ୍କୁଳ ଏହି ରାସ୍ତା ବର୍ତ୍ତମାନ ମରଣ ଯନ୍ତା ପାଲଟିଛି । ଏହି ସ୍ଥାନରେ କୌଣସି ସମୟରେ କିଛି ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ । ଲୋକଙ୍କ ଅଭିଯୋଗ ଯେ କାହା ସ୍ୱାର୍ଥରେ ଏବଂ କାହା ଯୋଗୁଁ ଜନସାଧାରଣଙ୍କ ଟିକସ ଅର୍ଜିତ ଅର୍ଥ ପାଣିରେ ଧୋଇଯାଉଛି । ରାସ୍ତା କାମ ସରିବାର ୬ ମାସ ପୂର୍ତ୍ତି ପୂର୍ବରୁ ରାସ୍ତାର ଏହି ଅବସ୍ଥା, ଆଗକୁ ବର୍ଷାଦିନ ଆସୁଛି, ରାସ୍ତାର ଅବସ୍ଥା ଯେ କଣ ହେବ ତାହା କହିବା ବ୍ୟର୍ଥ । ଠିକା ସଂସ୍ଥାର କର୍ତ୍ତବ୍ୟ ଯେ କାର୍ଯ୍ୟ ଶେଷର ୫ ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିବ । କିନ୍ତୁ ଏହାର ଠିକ୍ ବିପରୀତ କାର୍ଯ୍ୟ ଶେଷର ୬ ମାସ ଶେଷ ନହେଉଣୁ ରାସ୍ତା ପାର୍ଶ୍ୱ ମାଟି ଧୋଇଗଲାଣି । ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ ଶେଷ କରାଯାଇଥିବା ଯୋଗୁଁ ଏବେ ଏହି ରାସ୍ତା ନଷ୍ଟ ହେବାକୁ ବସିଲାଣି । ପ୍ରାୟ ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତାର ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବା ପ୍ରାବଧାନ ଥିଲା ଯାହା ଏବେ ସୁଦ୍ଧା ହୋଇନାହିଁ । ବର୍ଷା ହେଲେ ଉପର ମୁଣ୍ଡରୁ ରାସ୍ତା ଉପରେ ମାଟି କାଦୁଅ ଧୋଇ ହୋଇ ରାସ୍ତାରେ ଜମୁଥିବାରୁ ପଥିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି । ସଂପୃକ୍ତ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ସେ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି । ପ୍ରଶାସନ ଏହାକୁ ଗମ୍ଭୀର ଭାବେ ଗ୍ରହଣ କରି ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଛୋଟ ପିଲା ଓ ବୟସ୍କଙ୍କ ଟିପ ଚିହ୍ନ ନେଉନି:୨୪ ଲକ୍ଷ ଇ-କେୱାଇସି ସଂଯୋଗ ହୋଇପାରୁନି

**କଟକ, ନ୍ୟୁଜ୍ ବ୍ୟୁରୋ**



ରାସନ୍ କାର୍ଡ ସହ ଆଧାର କାର୍ଡର ଚାଲିଥିବା ଇ-କେୱାଇସି ସଂଯୋଗ ଏବେ ବିଚିତ୍ର ସ୍ଥିତିରେ ଝୁଲି ରହିଛି । ପ୍ରଥମେ ଏହି ପ୍ରକ୍ରିୟା ଜୋରଦାର୍ ଚାଲିଲା । ଦୈନିକ ୪ରୁ ୫ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ସଂଯୋଗ କରାଯାଉଥିଲା । କିନ୍ତୁ ଏବେ ପ୍ରାୟ ଗୋଟେ ମାସ ହେବ ଦୈନିକ ୩୦ରୁ ୪୦ ହଜାର ହିତାଧିକାରୀଙ୍କ ମଧ୍ୟ ଇ-କେୱାଇସି ସଂଯୋଗ ସମ୍ଭବ ହୋଇପାରୁନି । ଆହୁରି ପ୍ରାୟ ୨୪ ଲକ୍ଷ ହିତାଧିକାରୀ ଇ-କେୱାଇସି ସଂଯୋଗରୁ ବଞ୍ଚିତ ହୋଇଛନ୍ତି । ବିଶେଷ କରି ଛୋଟ ପିଲା (୧ରୁ ୧୦ ବର୍ଷ ବୟସର ପିଲା) ଏବଂ ବୟସ୍କ (୬୦ରୁ ଉର୍ଦ୍ଧ୍ୱ) ବ୍ୟକ୍ତିଙ୍କ ଆଙ୍ଗୁଠି ଟିପ ଚିହ୍ନ ବ୍ରାୟୋମେଟ୍ରିକ ମେସିନ୍ ନେଇପାରୁନାହିଁ । ସେହିପରି ଆଧାର କାର୍ଡ ଅପ୍‌ଡେଟ୍ ହୋଇନଥିବାରୁ ଏହି ହିତାଧିକାରୀମାନଙ୍କର ଇ-କେୱାଇସି ସଂଯୋଗ ସମ୍ଭବ ହୋଇପାରୁନାହିଁ । ଏଭଳି ହିତାଧିକାରୀଙ୍କୁ ପ୍ରଶାସନ କାଟିବ ନା' ରଖିବ ତାହାକୁ ନେଇ ଅକଳରେ ପଡ଼ିଯାଇଛି । ଭୂତ ହିତାଧିକାରୀଙ୍କୁ କାଟିବା ଆଳରେ ନୂଆ ରାଜ୍ୟ ସରକାର ପ୍ରତ୍ୟେକ ରାସନ୍ କାର୍ଡ ସହ ଆଧାର କାର୍ଡ ସଂଯୋଗ ଲାଗି ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ । ଅର୍ଥାତ୍ ଗୋଟେ ରାସନ୍ କାର୍ଡରେ ଥିବା ପ୍ରତ୍ୟେକ ହିତାଧିକାରୀଙ୍କ ଆଧାର କାର୍ଡ ସହ ରାସନ୍ କାର୍ଡକୁ ସଂଯୋଗ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଫଳରେ ଲୋକେ ମାଗଣା ଚାଉଳ ପାଇଁ ହଜାର ହଜାର କିମି ଦୂରରୁ ଘରକୁ ଧାଇଁଥିଲେ । ସେତେବେଳେ ପ୍ରତ୍ୟେକ ଡିଲର ପଏଣ୍ଟରେ ଭୀଷଣ ଭିଡ଼ ଦେଖାଦେଇଥିଲା । ଦୈନିକ ୪ରୁ ୫ ଲକ୍ଷ ଲୋକଙ୍କର ଇ-କେୱାଇସି ସଂଯୋଗ କରାଯାଉଥିଲା । ରାଜ୍ୟରେ ମୋଟ୍ ୩ କୋଟି ୨୮ ଲକ୍ଷ ୨୯ ହଜାର ୯୭୦ ଜଣ ହିତାଧିକାରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୯୨% ହିତାଧିକାରୀ ଅର୍ଥାତ୍ ୩ କୋଟି ୩ ଲକ୍ଷ ୮୪ ହଜାର ୧୩୭ ଜଣ ହିତାଧିକାରୀଙ୍କର ବର୍ତ୍ତମାନ ସୁଦ୍ଧା ଇ-କେୱାଇସି ସଂଯୋଗ ଶେଷ ହୋଇଛି । ୫ ଲକ୍ଷ ହିତାଧିକାରୀଙ୍କ ନାମ ରାସନ୍ କାର୍ଡ ତାଲିକାରୁ କଟାଯାଇଛି । ସେହି ସ୍ଥାନରେ କିଛି ନୂତନ ହିତାଧିକାରୀଙ୍କ ନାମକୁ ଯୋଡ଼ାଯାଇଛି । ରାଜ୍ୟରେ 'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା'ରେ ଯେଉଁ ହିତାଧିକାରୀ ରହିଥିଲେ ସେମାନଙ୍କୁ 'ଜାତୀୟ ଖାଦ୍ୟ ସୁରକ୍ଷା' ଯୋଜନାରେ ସାମିଲ୍ କରାଯାଇଛି । ଏହାବାଦ୍ ଆହୁରି ୨୪ ଲକ୍ଷ ହିତାଧକାରୀଙ୍କ ଇ-କେୱାଇସି ସଂଯୋଗ ସମ୍ଭବ ହୋଇପାରୁନାହିଁ । ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୧ରୁ ୧୦ ବର୍ଷ ପର୍ଯ୍ୟନ୍ତ ଅନେକ ପିଲାଙ୍କର ଆଧାର କାର୍ଡ ନାହିଁ । ଯେଉଁମାନଙ୍କ ଅଛି ସେମାନଙ୍କର ଅପ୍‌ଡେଟ୍ ନାହିଁ । ଫଳରେ ଏହି ବୟସର ପିଲାମାନଙ୍କର ଇ-କେୱାଇସି ସଂଯୋଗ ହୋଇପାରୁନାହିଁ । ଅପରପକ୍ଷରେ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କର ଟିପ ଚିହ୍ନ ନେଉନଥିବାରୁ ସେମାନଙ୍କର ମଧ୍ୟ ଇ-କେୱାଇସି ସଂଯୋଗ ହୋଇପାରୁନାହିଁ । କିନ୍ତୁ ନିୟମ ଅନୁଯାୟୀ ଯେଉଁମାନଙ୍କର ଇ-କେୱାଇସି ସଂଯୋଗ ନହେବ ସେମାନଙ୍କ ନାମକୁ ରାସନ କାର୍ଡ ତାଲିକାରୁ କାଟି ଦିଆଯିବ । ସରକାର ସମୟ ଗଡ଼ାଇ ଚାଲିଥିବାରୁ ବାଦ୍ ରହିଯାଇଥିବା ହିତାଧିକାରୀମାନେ ଇ-କେୱାଇସି ସଂଯୋଗ ପାଇଁ ସମୟ ପାଉଛନ୍ତି । କିନ୍ତୁ ଯେତେବେଳେ ଏହି ସଂଯୋଗ ପାଇଁ ଦିଆଯାଉଥିବା ସମୟ ସୀମା ଶେଷ ହୋଇଯିବ ସେତେବେଳେ ଏହି ୨୪ ଲକ୍ଷ ହିତାଧିକାରୀ କିପରି ରାସନ୍ ସାମଗ୍ରୀ ପାଇବେ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଅପରପକ୍ଷରେ ଏବେ ପ୍ରଶାସନ ପକ୍ଷରୁ ଯେଉଁମାନଙ୍କର ନାମ ତାଲିକାରେ ରହିଛି କିନ୍ତୁ ଇ-କେୱାଇସି ସଂଯୋଗ ହୋଇନାହିଁ ସେହିଭଳି ହିତାଧିକାରୀଙ୍କ ଘରକୁ ଯାଇ ଯାଞ୍ଚ କରିବା ପରେ ସେମାନଙ୍କ ନାମ ରହିବ କି କଟିବ ତାହା ସ୍ଥିର କରାଯାଉଛି । ଏହିଭଳି ଭାବେ ଯଦି ଦେଖାଯାଏ ଅତିବେଶୀରେ ଆଉ ୨/୩ ଲକ୍ଷ ଲୋକଙ୍କ ନାମ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାରୁ ବାଦ୍ ଦିଆଯାଇପାରେ । କିନ୍ତୁ ଅନ୍ୟ ଯେଉଁମାନେ ଟିପ ନନେବା କାରଣରୁ ଇ-କେୱାଇସି ସଂଯୋଗରୁ ବଞ୍ଚିତ ହୋଇଯିବେ ସେମାନଙ୍କ କ୍ଷେତ୍ରରେ ପ୍ରଶାସନ କି ପଦକ୍ଷେପ ନେବ ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି । ସୁପ୍ରିମ୍‌କୋର୍ଟ ଏବଂ ହାଇକୋର୍ଟଙ୍କ ଏକ ଆଦେଶ ଅନୁଯାୟୀ, ଆଧାରକାର୍ଡ ନଥିଲେ ମଧ୍ୟ ଜଣେ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ କରାଯାଇପାରିବନାହିଁ । ଏଭଳି ସ୍ଥିତିରେ ଏହି ୨୪ ଲକ୍ଷ ହିତାଧିକାରୀଙ୍କୁ କଟାଯିବ ନା' କୌଣସି ବିକଳ୍ପ ରାସ୍ତା ଗ୍ରହଣ କରାଯିବ ତାକୁ ନେଇ ପ୍ରଶାସନ ଏବେ ଚିନ୍ତାରେ ପଡ଼ିଯାଇଛି ।

# ଦିନକ ପରେ ସାବିତ୍ରୀ ବ୍ରତ:ଫଳ କିଣିବାକୁ ପ୍ରବଳ ଭିଡ଼

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ସାବିତ୍ରୀ ପାଇଁ ଚଳଚଞ୍ଚଳ ଜଟଣୀ ବଜାର । ଦୋକାନୀ ବି ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ବିଭିନ୍ନ ଦେଶୀ ଫଳ ଉପଲବ୍ଧ କରିଛନ୍ତି । ଦର ଉଚ୍ଚା ରହିଲେ ବି ଲୋକଙ୍କ ଭିଡ଼ ଦେଖି ଜଟଣୀ ଫଳବଜାର ଏବେ ସରଗରମ । କାରବାର ଦେଖି ଦୋକାନୀ ବି ଖୁସ୍ । ଆମ୍ବ, ପଣସ, ଲିଚୁ, ତାଳ, ଡାଳିମ୍ବ, ସପୁରୀ, ଖଜୁରି । ଦେଶୀ ଫଳରେ ମହକୁଛି ପୁରା ବଜାର । ଏ ହେଉଛି ଜଟଣୀ ଫଳ ବଜାରର ଦୃଶ୍ୟ । ଆଉ ଦିନକ ପରେ ସାବିତ୍ରୀ ବ୍ରତ । ହାତରେ ଆଉ ନାହିଁ ଦିନ ତେଣୁ କିଏ ଝିଅ ଘରକୁ ଭାର ପଠାଉଛି ତ କିଏ ବୋହୂ ପାଇଁ ନେଉଛନ୍ତି ଶାଢ଼ି, ଶଙ୍ଖା, ସିନ୍ଦୂର ଅଳତା । ଦର ଉଚ୍ଚା ଥିଲେ ବି ଫଳସବୁ କିଣି ନେଉଛନ୍ତି ଲୋକେ । ଜଟଣୀରେ ଫଳ ବଜାରରେ ଲାଗିଛି ଲୋକଙ୍କ ଭିଡ଼ । ସହରର ବିଭିନ୍ନ ଶାଢ଼ି ଦୋକାନ ସମେତ ମନୋହରି ଦୋକାନରେ ଜମୁଛି ଗ୍ରାହକଙ୍କ ଭିଡ । ସ୍ୱାମୀଙ୍କ ସୁସ୍ଥ ଓ ଦୀର୍ଘଜୀବନ କାମନା କରି ବ୍ରତ ପାଳିବେ ଓଡ଼ିଆ ସଧବା ମହିଳା । ଏଥିପାଇଁ ଚଳଚଞ୍ଚଳ ବଜାର । କିନ୍ତୁ ଏସବୁ ଭିତରେ ଫଳ ଦାମ ଆକାଶ ଛୁଆଁ ହୋଇଛି । ସାବିତ୍ରୀ ବ୍ରତକୁ ଆଖି ଆଗରେ ରଖି ଅନେକ ବେପାରୀ ଚଢ଼ା ଦରରେ ବିକ୍ରି କରୁଛନ୍ତି ଫଳ । ପ୍ରତିବର୍ଷ ସାବିତ୍ରୀ ଆସିଲେ ବଜାରରେ ଫଳ ଦାମ୍ ନିୟନ୍ତ୍ରଣ ବାହାରକୁଯାଏ । ହେଲେ ପ୍ରଶାସନ ଏଥିପ୍ରତି କେବେ ବି ଧ୍ୟାନ ଦିଅନ୍ତି ନାହିଁ ।



# ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଚକ ପୂଜା ଆରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଚକ ପୂଜା ଆରମ୍ଭ ହୋଇଥିବା ଜଣାପଡିଛି । ପରମ୍ପରା ଅନୁଯାଇ ତୁଳସୀ କ୍ଷେତ୍ରରେ ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଥାଏ । ପରବର୍ତ୍ତୀ ଅବସ୍ଥାରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରୁ ରଥଗଡା କାମ ଆରମ୍ଭ କରାଯାଇ ନେତ୍ର ଉତ୍ସବ ପର୍ଯ୍ୟନ୍ତ ଧାରାବାହିକ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥାଏ । ତେବେ ଚଳିତ ବର୍ଷ ରଥର ୪ ଚକ ଓ ୩ ଅଖ ନୂଆ ଭାବେ ତିଆରି କରାଯାଇ ଲଗାଯିବା ପାଇଁ ନିଷ୍ପତି ହୋଇଥିବାରୁ ରଥ ଚକ ପୂଜା କାମ ଜ୍ୟେଷ୍ଠ ପୂର୍ଣ୍ଣିମାର ୧୫ ଦିନ ପୂର୍ବରୁ ଆରମ୍ଭ କରାଯାଇଛି । ଏହି ପୂଜା କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ତ୍ରୃଷ୍ଟି ରଂଜନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଚକ ପୂଜା କାମ ସମ୍ପନ୍ନ କରିଥିଲେ । ଏହା ସହ ରଥ ନିର୍ମାଣର ମୁଖ୍ୟ ବିଶ୍ୱକର୍ମା ରଘୁନାଥ ମହାରଣା ଓ ପୁରୁଷୋତ୍ତମ ଓଝାଙ୍କ ସମେତ ଅନ୍ୟ କର୍ମଚାରୀ ଓ ସେବାୟତମାନେ ଉପସ୍ଥିତ ଥିଲେ ।

# ୧୦ ହଜାର ଲାଞ୍ଚ ନେଇ ଧରାପଡିଲେ ବରିଷ୍ଠ କିରାଣି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବାରିପଦା ପୌର ପରିଷଦର ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନର ବରିଷ୍ଠ କିରାଣି ଗୋପାଳ କୃଷ୍ଣ ପ୍ରଧାନ ଦୋକାନଘରର ଅନର ସିପ୍ ଟ୍ରାନ୍ସଫର ପାଇଁ ଏମ୍‌ଡି ଜାଭୀର ନାମକ ବ୍ୟକ୍ତିଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ ହ୍ୟାଣ୍ଡରେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ସୂଚନା ମୁତାବକ ଏମ୍‌ଡି ଜାଭୀରଙ୍କ ସ୍ୱର୍ଗତଃ ପିତାଙ୍କ ନାମରେ ବାରିପଦା ସହରରେ ୨ଟି ପୌରପରିଷଦ ଦୋକାନଘର ରହିଥିଲା । ତେବେ ପିତାଙ୍କ ମୃତ୍ୟୁ ପରେ ପୁତ୍ର ଏମ୍‌ଡି ଜାଭୀର ଏବଂ ତାଙ୍କ ଭାଇ ଦୁଇଜଣଙ୍କ ନାମରେ ଅନରସିପ୍ ଟ୍ରାନ୍ସଫର ପାଇଁ ଦୀର୍ଘ ଦୁଇବର୍ଷ ପୂର୍ବରୁ ଆବେଦନ କରିଥିଲେ । ତେବେ ଅନରସିପ୍ ଟ୍ରାନ୍ସଫର ପାଇଁ ସମସ୍ତ କାଗଜପତ୍ର ଦାଖଲ କଲା ପରେ ମଧ୍ୟ ସେହି ବିଭାଗରେ କାର୍ଯ୍ୟରତ ବରିଷ୍ଠ କିରାଣୀ ଗୋପାଳକୃଷ୍ଣ ପ୍ରଧାନ ତାଙ୍କୁ ଦୁଇବର୍ଷ ଧରି ହଇରାଣ କରୁଥିଲେ । ଶେଷରେ ଦଶ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ତେବେ ଅଭିଯୋଗକାରୀ ଏମ୍‌ଡି ଜାଭୀର ଏହାକୁ ନେଇ ବାରିପଦା ଭିଜିଲାନ୍ସ ୟୁନିଟ୍‌ରେ ଅଭିଯୋଗ କରିବା ପରେ ଯୋଜନା ମୁତାବକ ଲାଞ୍ଚ ନେବାବେଳେ ଲୁଚିରହିଥିବା ଭିଜିଲାନ୍ସ ଟିମ୍ ଗୋପାଳ କୃଷ୍ଣଙ୍କୁ ରେଡ ହ୍ୟାଣ୍ଡରେ ଧରି ଲାଞ୍ଚ ନେଇଥିବା ସମସ୍ତ ଟଙ୍କା ତାଙ୍କଠାରୁ ଜବଦ କରିବା ସହ ଗିରଫ କରାଯାଇଛି । ତାଙ୍କର କାର୍ଯ୍ୟାଳୟରେ ଫାଇଲପତ୍ର ଯାଞ୍ଚ କରିବା ସହ ବାସଗୃହ ମଧ୍ୟ ରେଡ କରାଯିବ ବୋଲି ବାରିପଦା ଭିଜିଲାନ୍ସ ୟୁନିଟ୍‌ର ଇନ୍‌ଚାର୍ଜ ବିକାଶ ସ୍ୱାଇଁ କହିଛନ୍ତି ।



# ଶିକାରୀ ଗୁଳିରେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଶିକାରୀ ଗୁଳିରେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ହୋଇଛି । ଢେଙ୍କାନାଳ ହିନ୍ଦୋଳ ରେଞ୍ଜରେ ଘଟିଛି ଏହି ଅଭାବନୀୟ ଅଘଟଣା । ବିଳମ୍ବିତ ରାତିରେ ଏଭଳି ଘଟିଥିବା ସୂଚନା ମିଳିଛି । ମୃତକ ହେଲେ ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନ । ସୂଚନା ଅନୁଯାୟୀ, ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀ ଗୁଳିମାଡ଼ କରିଥିଲେ । ମୋଟ ୧୩ ଜଣ ବନବିଭାଗର କର୍ମୀ ପାଟ୍ରୋଲିଂ କରୁଥିଲେ । ଗୁଳି ପ୍ରହ୍ଲାଦଙ୍କ ପେଟରେ ବାଜିଥିଲା । ଫଳରେ ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫରେଷ୍ଟ ଗାର୍ଡଙ୍କୁ ଗୁଳିମାଡ଼ ପରେ ପାଟ୍ରୋଲିଂ କରୁଥିବା ଅନ୍ୟ କର୍ମଚାରୀମାନେ ତୁରନ୍ତ ୪ ଶିକାରୀଙ୍କୁ କାବୁ କରିଥିଲେ । ସୂଚନା ଅନୁଯାୟୀ, ଅନ୍ୟ କିଛି ଶିକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଶିକାରୀଙ୍କ ପାଖରୁ କିଛି ବନ୍ଧୁକ ଜବତ କରାଯିବା ସହ ସେମାନଙ୍କୁ ଅଧିକ ଜେରା କରାଯାଉଛି ।

# ଶିଶୁପୁତ୍ର ବିକ୍ରି ଅଭିଯୋଗ:ପୋଲିସର ଖୋଳତାଡ଼ ଜାରି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପାରିବାରିକ କଳହ କାରଣରୁ ନିଜ ଜନ୍ମିତ ଶିଶୁପୁତ୍ରକୁ ବିକିଦେଇଛି ମା' । ଏ ବିଷୟରେ ଶିଶୁର ବାପା ଓ ଜେଜେମାଆ ଜାଣିବା ପରେ ଘଟଣା ସାମ୍‌ନାକୁ ଆସିଛି । ପୁଅକୁ ଫେରିପାଇବା ଲାଗି ବାପା ଏବେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ତଦନ୍ତ କରାଯାଇଛି । ସୂଚନା ଅନୁସାରେ ଯାଜପୁର ଟାଉନ୍ ଥାନା ବଡ଼ସୁଆର ପଞ୍ଚାୟତ ତୋଟାସାହି ଗ୍ରାମର ପ୍ରଶାନ୍ତ ପରିଡ଼ା ୧୧ ବର୍ଷ ତଳେ ଛତିଶିଦେବିଲି ଅଞ୍ଚଳର ପୂଜା ପରିଡ଼ାଙ୍କୁ ବିବାହ କରିଥିଲେ । ଏହାପରେ ତାଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା । ୪ ବର୍ଷ ତଳେ ଦାମ୍ପତ୍ୟ କଳହ କାରଣରୁ ପତ୍ନୀ ଶାଶୂଘର ଛାଡ଼ି ପିଲାକୁ ନେଇ ଅନ୍ୟତ୍ର ରହୁଥିଲେ । ଏବେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇ ସ୍ତ୍ରୀ ଘରକୁ ଫେରିଥିଲେ ମଧ୍ୟ ସାଙ୍ଗରେ ନେଇଥିବା ପୁଅ ସାଇରାମ (୭ ବର୍ଷ)କୁ ଆଣିନଥିଲେ । ଏ ସଂକ୍ରାନ୍ତରେ ସାଇରାମର ବାପା ଓ ଜେଜେମାଆ ପୂଜାଙ୍କୁ ପ୍ରଶ୍ନ କରିବାରୁ ସେ ପୁଅକୁ ଯାଜପୁରରୋଡ୍ ଅଞ୍ଚଳରେ ୧୮ ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ । ଏହା ଜାଣିବା ପରେ ବାପା ଓ ଜେଜେମାଆ ପୁଅକୁ ଖୋଜି ଆଣିବାକୁ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ପରାମର୍ଶକ୍ରମେ ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ କମିଟି ଓ ଚାଇଲ୍ଡ ଲାଇନ୍ ପରିବାର ପାଖରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଜିଲ୍ଲା ପ୍ରଶାସନର ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ବଡ଼ସୁଆର ତୋଟାସାହି ସମେତ ଛତିଶିଦେବିଲି ଅଞ୍ଚଳରେ ଥିବା ପୂଜାଙ୍କ ବାପଘର ଗ୍ରାମକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି । ଥାନାରେ ଲିଖିତ ଅଭିଯୋଗ ପରେ ପୂଜା ଫେରାର୍ ହୋଇଯାଇଛି । ତେବେ କାହିଁକି ଓ କେଉଁ ପରିସ୍ଥିତିରେ ସେ ନିଜ ପୁଅକୁ ବିକ୍ରି କଲା ଏବଂ ପିଲାଟି ବର୍ତ୍ତମାନ କେଉଁଠି ଅଛି ତାହା ଜଣାପଡ଼ିନାହିଁ ।



# ବାଇକ୍ ସହ ଗଞ୍ଜେଇ ଜବତ୍:୨ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ମୁର୍ଚ୍ଛୁଣି ନିକଟରୁ ବାଇକ୍ ସହ ୬ କେଜି ଗଞ୍ଜେଇ ଜବତ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ବୌଦ୍ଧ ଥାନା ପୋଲିସର ଏକ ଟିମ୍ ଜାତୀୟ ରାଜପଥ ନଂ ୫୭ର ମୁର୍ଚ୍ଛୁଣି ନିକଟରେ ଚଢଉ କରିଥିଲା । ସନ୍ଦେହରେ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା । ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୬ କେଜି ହୋଇଥିଲା । ଗଞ୍ଜେଇ ଓ ବାଇକ୍‌କୁ ଜବତ କରି ବାଇକ୍‌ରେ ଥିବା ଅନୁଗୁଳ ଥାନା ସିଙ୍କୁଳପାଟ ଗ୍ରାମର ଅରେନ ମାଝୀ ଓ କିଶୋର ନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସଦାନନ୍ଦ ମିର୍ଦ୍ଧାଙ୍କୁ ଗିରଫ କରି ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁକରି ଆବଶ୍ୟକ ତଦନ୍ତ ପରେ କୋର୍ଟ ଚାଲାଣ କରାଯାଇଥିବା ବୌଦ୍ଧ ଥାନା ପକ୍ଷରୁ ସୂଚନା ମିଳିଛି ।



# ବେଆଇନ୍ କ୍ରସରଗୁଡ଼ିକୁ ସିଲ୍ କଲା ପ୍ରଶାସନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା (ଭା.ପ୍ର.ସେ)ଙ୍କ ତତ୍ତ୍ୱାବଧାନରେ, ତିଗିରିଆ ସ୍ଥିତ ସମସ୍ତ ବେଆଇନ୍ କ୍ରସର ଉପରେ ଚଢ଼ଉ କରାଯାଇଥିଲା । ଏହି ଚଢ଼ଉ ସମୟରେ ତହସିଲଦାର, ତିଗିରିଆ, ସ୍ଥାନୀୟ ପୋଲିସ, ଆଠଗଡ଼ ବନଖଣ୍ଡ ଏ.ସି.ଏଫ ଏବଂ ଜିଲ୍ଲା ଖଣି ଅଧିକାରୀ ଉପସ୍ଥିତ ରହିଥିଲେ । ତିଗିରିଆ ଉପକଣ୍ଠରେ ଭେଜିଆ, ପଙ୍କାଳ, ପୁରୁଣା ତିଗିରିଆ ଆଦି ସ୍ଥାନମାନଙ୍କରେ ଥିବା ବେଆଇନ୍ କ୍ରସରମାନଙ୍କୁ ନେଇ ପ୍ରଶାସନ ପାଖରେ ଅଭିଯୋଗ ହୋଇଆସୁଥିଲା । ସମସ୍ତ ବେଆଇନ୍ କ୍ରସରରେ ଡ୍ରୋନ୍ କ୍ୟାମେରା ଦ୍ୱାରା ସର୍ଭେ କରାଯାଇଥିଲା ଏବଂ ଏହାକୁ ସିଲ୍ କରାଯାଇଥିଲା । ଏହି ବେଆଇନ୍ କ୍ରସର ମାନଙ୍କ ଉପରେ ଆଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି । ଏତତ୍‌ବ୍ୟତୀତ, ତିଗିରିଆ ଅଞ୍ଚଳରେ ଚାଲିଥିବା ବେଆଇନ୍ ପଥର ଚାଲାଣ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲଗ୍ନରାହୁ ୨ ବୃ | ୧୨ଚ | ଶୁକ୍ରାଗୁ ୧ ୧୦ |
| ୩ମ | ୧ / ୧ | ୯ |
| ୪ କେ | ୬ | ୭ ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୫।୨୦୨୫, ଜ୍ୟୈଷ୍ଠ ଦ୧୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୦୮।୩୮** **ଚନ୍ଦ୍ରୋଦୟ- ରାଘ ୩।୫୮।୨୩**

**ତ୍ରୟୋଦଶୀ-** ଦିଘ ୩।୫୨ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ଦିଘ ୧୧।୧୨ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୩।୫୨ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୬ ଗତେ ଦିଘ ୯।୩୩ ମଧ୍ୟେ । ଦିଘ ୧।୨୨ ଗତେ ଘ ୨।୪୮ ମଧ୍ୟେ । **ପର୍ବୋତ୍ସବ-** ଶିବ ଉପବାସ ବେଢ଼ା ପରିକ୍ରମା, ଭୀକାରି ବଳ ଜୟନ୍ତୀ ।

**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ । ଅଯଥା ଦୂରଯାତ୍ରା କରିବାର ସମ୍ଭାବନା । ଘରେ କଳହ ଦେଖାଦେବ ।

**ବୃଷ:** ଆୟରେ ଉନ୍ନତି ହେବ । ବନ୍ଧୁ ସହଯୋଗ ମଧ୍ୟ ମିଳିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସହଯୋଗ ମଧ୍ୟ ମିଳିବ । ଗୃହରେ ସୃଷ୍ଟି ହୋଇଥିବା କଳହର ସମାଧାନ ହୋଇଯିବ ।

**ମିଥୁନ:** ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ । ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଯାତ୍ରାରେ ମନବାଞ୍ଛା ଫଳ ପ୍ରାପ୍ତ ହେବ । ପାରିବାରିକ ସମସ୍ୟାର ସମାଧାନ ଘଟିବ । ରୋଜଗାର ଭଲ ହେବ ।

**କର୍କଟ:** ଶୁଭ କାର୍ଯ୍ୟରେ ଯୋଗଦାନ କରିବେ । ସାଧନାରେ ସିଦ୍ଧି ଲାଭ କରିବେ । ଆଳସ୍ୟ ଓ ଅବହେଳା ଯୋଗୁ କାର୍ଯ୍ୟହାନୀ । ମାଲିମୋକଦ୍ଦମାରେ ସୁଫଳ । ଭ୍ରମଣ ଯୋଗ ରହିଛି । ଆୟରେ ଉନ୍ନତି ହେବ ।

**ସିଂହ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମହାନୀ ଯୋଗ ତଥାପି ଫଳ ଲାଭର ଆଶା । ପରିଶ୍ରମ ବଢ଼ିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**କନ୍ୟା:** କର୍ମକ୍ଷେତ୍ରରେ ସଫଳତାର ପରିମାଣ ଅଧିକ ହେବ । ବନ୍ଧୁ ମିଳନ ସହିତ ସାହାଯ୍ୟ ଓ ସହଯୋଗ ମଧ୍ୟ ମିଳିବ । ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ । ଘରେ ଦ୍ୱନ୍ଦ୍ୱର ସୂଚନା ମଧ୍ୟ ରହୁଛି ।

**ତୁଳା:** ବାକ୍ ସଂଯମତା ରହିବ ନାହିଁ । ମନରେ ଅହଂକାର ଆସିବ । କାର୍ଯ୍ୟକ୍ଷେତ୍ରରେ ବିରକ୍ତି ଦେଖାଦେବ । ଆୟର ପରିମାଣ ସ୍ଥିର ରହିବ । ଘରେ ଜଞ୍ଜାଳର ପରିମାଣ ବୃଦ୍ଧି । ମନ ଅସ୍ଥିର ରହିବ ।

**ବିଛା:** ଶତ୍ରୁମାନେ ନାଶ ଯିବେ । ସୁସମ୍ବାଦ ଲାଭ ହେବ । ଦୂରକୁ ଯାତ୍ରା ମଧ୍ୟ କରିପାରନ୍ତି । ବନ୍ଧୁ ମିଳନରୁ ଉତ୍ସାହିତ ହେବେ । କର୍ମକ୍ଷେତ୍ରରେ ଉଦାସୀନ ହେବେ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।

**ଧନୁ:** କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ଗତିରେ ହେବ । ରୋଜଗାରରେ ଉନ୍ନତି । କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ବିବାଦଗ୍ରସ୍ତ ହେବେ । ମାଲିମୋକଦ୍ଦମାରେ ସ୍ଥିତି ଆଶାଜନକ ହେବ । ମନ ଭଲ ରହିବ ।

**ମକର:** ଅନେକ କ୍ଷେତ୍ରରେ ସମ୍ମାନିତ ହେବେ । କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା । ଆୟ ପୂର୍ବପରି ସ୍ଥିର ରହିବ ।

**କୁମ୍ଭ:** କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । କର୍ତ୍ତବ୍ୟନିଷ୍ଠ ହେବେ । ସମ୍ମାନିତ ହେବେ । ଅସୁବିଧା ଦୂର ହେବ । ଅପରାହ୍ନେ ବନ୍ଧୁଙ୍କର ଆଗମନର ସୂଚନା । ଆୟ ଓ ବ୍ୟୟ ସମାନ ରହିବ ।

**ମୀନ:** ଆଜି ଦିନଟି ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ସମାଜ ସେବାରେ ପ୍ରଶଂସା ମିଳିବ । ପାରିବାରିକ ଝାମେଲାର ସୂଚନା ମିଳୁଛି । ରୋଜଗାର ସ୍ଥିର ରହିବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୫।୨୦୨୫, ଜ୍ୟୈଷ୍ଠ ଦ୧୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୦୮।୨୬** **ଚନ୍ଦ୍ରୋଦୟ- ନିଘ ୪।୫୧।୫୮**

**ଚତୁର୍ଦ୍ଦଶୀ-** ଦିଘ ୧୨।୧୨ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ଦିଘ ୮।୨୪ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଦିଘ ୧।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ଦିଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୧।୪୦ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ଅମାବାସ୍ୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୨।୧୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୫୨ ମଧ୍ୟେ । ରାଘ ୯।୧୧ ଗତେ ଘ ୧୦।୨୨ ମଧ୍ୟେ । **ପର୍ବୋତ୍ସବ-** ଅମାବାସ୍ୟାର ନିଶାପାଳନ, ସାବିତ୍ରୀ ବ୍ରତ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଦେଶରେ ୪୫.୧୭% ସମ୍ପତ୍ତି ଭାରତୀୟ ରଖିଛନ୍ତି

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପଟ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁଗର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

## ଭାଷା ଭାବନା



**ଡଃ. ଦେବାଶିଷ ମହାପାତ୍ର**
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

# ଆମ ଓଡ଼ିଆ ଭାଷା

ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ତଥା ଭାରତୀୟ ସ ମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ପାଇଥିବା ଆମ ଓଡ଼ିଆ ଭାଷା, ଆମର ଗୌରବ। ଆମ ଅସ୍ମିତାର ପରିଚୟ ଆମ ଓଡ଼ିଆ ଭାଷା ବିଷୟରେ କିଛି କଥା- ଓଡ଼ିଆ ଭାଷାରେ ସମୁଦାୟ ଅଣଚାଷ (୪୯)ଟି ଅକ୍ଷର ବା ବର୍ଣ୍ଣ ବ୍ୟବହାର କରାଯାଇଥାଏ। ଏହି ବର୍ଣ୍ଣ ଦୁଇ ପ୍ରକାରର-୧) ସ୍ୱରବର୍ଣ୍ଣ, ୨) ବ୍ୟଞ୍ଜନବର୍ଣ୍ଣ। ସ୍ୱରବର୍ଣ୍ଣକୁ ଇଂରାଜୀରେ Vowel ବ୍ୟଞ୍ଜନବର୍ଣ୍ଣକୁ Consonant କୁହାଯାଏ। ସ୍ୱରବର୍ଣ୍ଣ ଉଚ୍ଚାରଣ ପାଇଁ ଅନ୍ୟ ବର୍ଣ୍ଣର ସାହାଯ୍ୟ ନେବାକୁ ପଡ଼ିନଥାଏ, କିନ୍ତୁ ବ୍ୟଞ୍ଜନବର୍ଣ୍ଣ, ସ୍ୱରବର୍ଣ୍ଣର ବିନା ସହଯୋଗରେ କହି ହୁଏ ନାହିଁ। ଉଦାହରଣ- ଅ, ଆ, ଇ, ଈ, ଉ, ଊ,.....ସ୍ୱରବର୍ଣ୍ଣ (Vowel) କ,ଖ,ଗ,ଚ,ଛ,ଜ.... ବ୍ୟଞ୍ଜନବର୍ଣ୍ଣ (Consonat) ବାକ୍ୟରେ ବ୍ୟବହାର କରାଯାଉଥିବା ପ୍ରତ୍ୟେକ ଶବ୍ଦକୁ ଆମେ 'ପଦ' କହୁ। ଏହି ପଦ ପାଂଚ ପ୍ରକାରର। ଯଥା- ୧) ବିଶେଷ୍ୟ, ୨) ସର୍ବନାମ, ୩) କ୍ରିୟା, ୪) ବିଶେଷଣ ଓ ୫) ଅବ୍ୟୟ।

ବିଶେଷ୍ୟ ପଦ:- ଯେଉଁ ପଦ କୌଣସି ଏକ ନାମକୁ ବୁଝାଇଥାଏ, ତାହାକୁ ବିଶେଷ୍ୟ ପଦ କୁହାଯାଏ। ପ୍ରାପ୍ତି ଖାଇଅଛି। ଚଢ଼େଇମାନେ ଉଡ଼ିଯାଉଛନ୍ତି। ଲୁହା କଠିନ ଅଟେ। ସେ ଭଦ୍ରତା ଜାଣେ ନାହିଁ। ପାଠପଢ଼ାରେ ମନ ଦିଅ। ଦିଆଯାଇଥିବା ପାଞ୍ଚଟି ବାକ୍ୟରେ ବିଶେଷ୍ୟ ପର ବ୍ୟବହାର କରାଯାଇଛି। ପ୍ରଥମ ବାକ୍ୟରେ ପ୍ରାପ୍ତି ବ୍ୟକ୍ତି ବା ନାମବାଚକ ବିଶେଷ୍ୟ, ଦ୍ୱିତୀୟ ବାକ୍ୟରେ ଚଢ଼େଇମାନେ ଜାତିବାଚକ ବିଶେଷ୍ୟ, ତୃତୀୟ ବାକ୍ୟରେ ଲୁହା ବସ୍ତୁବାଚକ ବିଶେଷ୍ୟ, ଚତୁର୍ଥ ବାକ୍ୟରେ ଭଦ୍ରତା ଗୁଣବାଚକ ବିଶେଷ୍ୟ ଏବଂ ପଞ୍ଚମ ବାକ୍ୟରେ ପାଠପଢ଼ା କ୍ରିୟାବାଚକ ବିଶେଷ୍ୟକୁ ବୁଝାଉଛି। ସର୍ବନାମ ପଦ:- ବିଶେଷ୍ୟ ପଦ ବଦଳରେ ଯେଉଁ ପଦ ବ୍ୟବହାର କରାଯାଏ ତାହାକୁ ସର୍ବନାମ ପଦ କୁହାଯାଏ। ମୁଁ, ଆମ୍ଭେ, ଆମ୍ଭେମାନେ, ସେ, ସେମାନେ, ତୁ, ତୁମ୍ଭେ, ଏମାନଙ୍କର, ଏମାନେ, ସେମାନଙ୍କର, ଏଗୁଡ଼ିକ, ସେଗୁଡ଼ିକ, ଇତ୍ୟାଦିକୁ ସର୍ବନାମ ପଦ କୁହାଯାଏ।

ସେ ଜଣେ ବାଳିକା। ତା'ର ଖଣ୍ଡିଏ ଖାତା ଅଛି। ସେ ତା' ଭାଇ ସହିତ ଖେଳେ।

କ୍ରିୟା ପଦ:- ଯେଉଁ ପଦ କୌଣସି କାର୍ଯ୍ୟ ବା କ୍ରିୟାକୁ ବୁଝାଇଥାଏ, ତାହାକୁ କ୍ରିୟାପଦ କୁହାଯାଏ। ଏହା ଦୁଇ ପ୍ରକାରର- ୧) ସମାପିକା କ୍ରିୟ, ୨) ଅସମାପିକା କ୍ରିୟା। ଯେଉଁ କ୍ରିୟାପଦ ଯୋଗ କରିଲେ ବାକ୍ୟର ଅର୍ଥପୂର୍ଣ୍ଣ ଭାବରେ ପ୍ରକାଶ ପାଇଥାଏ, ତାହାକୁ ସମାପିକା କ୍ରିୟା କୁହାଯାଉଥିବାବେଳେ ଯେଉଁ କ୍ରିୟାପଦଟି ଯୋଗ କରିଲେ ବି ବାକ୍ୟର ଅର୍ଥପୂର୍ଣ୍ଣ ଭାବରେ ପ୍ରକାଶ ପାଏ ନାହିଁ,

ତାହାକୁ ଅସମାପିକା କ୍ରିୟା କୁହାଯାଏ।

ସମାପିକା- ସେ ପାଠ ପଢ଼ାଇ ଚାଲିଗଲେ।

ଅସମାପିକା- ସେ ପାଠପଢ଼ାଇ ଫେରିବେ।

ବିଶେଷଣ ପଦ:- ଯେଉଁପଦ ଅନ୍ୟର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ, ଉତ୍କର୍ଷ କି ମ୍ବା ଅପକର୍ଷକୁ ବୁଝାଇଥାଏ, ତାହାକୁ ବିଶେଷଣ ପଦ କୁହାଯାଏ। ଆଦ୍ୟା ଭଲ ଗୀତ ଗାଏ।

ଶ୍ରେଣୀରେ ଅନେକ ଛାତ୍ରୀ ଥିଲେ। ମିଛୁଆ ଲୋକଠାରୁ ଦୂରରେ ରହ।

ଅବ୍ୟୟ ପଦ:- ବାକ୍ୟରେ ବ୍ୟବହାର କରାଯାଉଥିବା ଓ, କି ମ୍ବା, କିନ୍ତୁ, ଓହୋ, ଏବଂ, ତେବେ, ତଥାପି, ଅଥଚ ଇତ୍ୟାଦି ପଦକୁ ଅବ୍ୟୟ ପଦ କୁହାଯାଇଥାଏ। ଧର୍ମପଦ ସାନ, କିନ୍ତୁ ବୁଦ୍ଧିମାନ। କଣ୍ଢେଇ ଓ ରାକ୍ଷୀ ବଜାରକୁ ଯାଉଛନ୍ତି। ବାପି ବିଦ୍ୟାଳୟକୁ ଯିବ ଏବଂ ପାଠ ପଢ଼ିବ।

ଓହୋ! କି କଥା ସତେ ନହେଲା। ତୁମେ କିମ୍ବା ତୁମର ସାଙ୍ଗ ଆଜି ଆସିପାରନ୍ତି।

ଲିଙ୍ଗ:- ଓଡ଼ିଆ ଭାଷାରେ ବ୍ୟବହାର କରାଯାଇଥିବା ପଦ ପାଇଁ ତିନିପ୍ରକାରର ଲିଙ୍ଗ ବ୍ୟବହାର ହୋଇଥାଏ- ୧) ପୁଲିଙ୍ଗ, ୨) ସ୍ତ୍ରୀଲିଙ୍ଗ ଓ ୩) କ୍ଲିବଲିଙ୍ଗ। ଯେଉଁପଦ ପୁରୁଷ ଜାତିକୁ ବୁଝାଇଥାଏ ତାହା ପୁଂଲିଙ୍ଗ। ଉଦାହରଣ:- ପୁରୁଷ, ଶିକ୍ଷକ, ଗାୟକ, ଘୋଡ଼ା, ଯୁବକ, କୁକୁର ଇତ୍ୟାଦି ପୁଲିଙ୍ଗ। ଯେଉଁପଦ ସ୍ତ୍ରୀଜାତି କିମ୍ବା କୌଣସି ସ୍ତ୍ରୀଜାତିର ନାମକୁ ବୁଝାଏ ତାହା ସ୍ତ୍ରୀଲିଙ୍ଗ। ଉଦାହରଣ- ସ୍ତ୍ରୀ, ବାଳିକା, ମାଈ, ଗାଈ, ବାଘୁଣୀ, ଗାୟିକା ଇତ୍ୟାଦି ସ୍ତ୍ରୀଲିଙ୍ଗ। ଯେଉଁପଦ ସ୍ତ୍ରୀ ଜାତି କିମ୍ବା ପୁରୁଷ ଜାତିର ନାମକୁ ବୁଝାଇ ନଥାଏ, ତାହା କ୍ଲିବଲିଙ୍ଗ। ଉଦାହରଣ-ଲିଙ୍ଗ ପରିବର୍ତ୍ତନ:-ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ, ବାଳକ ବାଳିକା, ଛାତ୍ର ଛାତ୍ରୀ, ସଖା ସଖୀ, ନର ନାରୀ, ପାଠକ ପାଠିକା, ଲେଖକ ଲେଖିକା, ଦେବ ଦେବୀ, ଯୁବକ ଯୁବତୀ, ସୁନ୍ଦର ସୁନ୍ଦରୀ, କୁମାର କୁମାରୀ ଇତ୍ୟାଦି ।

ବଚନ:- ଯାହାଦ୍ୱାରା ବସ୍ତୁ, ବ୍ୟକ୍ତି କିମ୍ବା ପ୍ରାଣୀର ସଂଖ୍ୟା ଜଣାପଡ଼େ, ତାହାକୁ ବଚନ କୁହାଯାଏ। ଏହା ଦୁଇ ପ୍ରକାରର-ଏକବଚନ ଓ ବହୁବଚନ। ଯେଉଁ ବିଶେଷ୍ୟ କିମ୍ବା ସର୍ବନାମ ପଦ ସଂଖ୍ୟା ଏକ (୧) ବୋଲି ସୂଚାଇଥାଏ ତାହା ଏକବଚନ। ମଧୁ ଜଣେ ବାଳିକା। ଗାଈଟି ଚରୁଅଛି। ରାଜୁର ଖଣ୍ଡଏ ଖାତା ଅଛି। ଯେଉଁ ବିଶେଷ୍ୟ କିମ୍ବା ସର୍ବନାମ ପଦସଂଖ୍ୟା ଏକରୁ ଅଧିକ ବୋଲି ସୂଚାଇଥାଏ, ତାହା ବହୁବଚନ। ସେମାନେ ସବୁ ବାଳିକା। ଗାଈ ଗୁଡ଼ିକ ଚରୁଛନ୍ତି। ସେମାନେ ଅନେକ କଥା ଶିଖିଲେ।

ପୁରୁଷ:- ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ପୁରୁଷ ତିନି ପ୍ରକାରର-୧) ପ୍ରଥମ ପୁରୁଷ- ମୁଁ, ଆମ୍ଭେ, ଆମ୍ଭେମାନେ, ମୋର, ଆମ୍ଭର, ଆମ୍ଭମାନଙ୍କର, ୨) ଦ୍ୱିତୀୟ ପୁରୁଷ- ତୁ, ତୋର, ତୁମ୍ଭର, ତୁମ୍ଭେମାନେ, ତୁମ୍ଭମାନଙ୍କୁ, , ୩) ତୃତୀୟ ପୁରୁଷ- ସେ, ସେମାନେ, ସେମାନଙ୍କ, ସେମାନଙ୍କର, ଏମାରେ, ଏମାନଙ୍କର, ଏହାର, ତାହାର।

ବିଭକ୍ତି:- ସ୍ଥାନ ଉପଯୋଗୀ ଅର୍ଥ ପ୍ରକାଶ ପାଇବା ପାଇଁ ବିଶେଷ୍ୟ କମ୍ବା ସର୍ବନାମ ପଦରେ ଯେଉଁସବୁ ଚିହ୍ନ ବ୍ୟବହାର କରାଯାଇଥାଏ ସେଗୁଡ଼ିକୁ ବିଭକ୍ତି କୁହାଯାଏ। ଏହା ସାତ ପ୍ରକାରର- ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ।

ପ୍ରଥମା ବିଭକ୍ତିରେ ସାଧାରଣତଃ କୌଣସି ଚିହ୍ନ ନଥାଏ। ଅବଶ୍ୟ କେତେକ କ୍ଷେତ୍ରରେ ଟି, ଟା, ଟାଏ, ଟିଏ, ଗୁଡ଼ିଏ, ସମୂହ, ଗଣ, ବର୍ଗ ବ୍ୟବହାର ହୋଇଥାଏ। ଦ୍ୱିତୀୟା ବିଭକ୍ତିରେ କୁ, ଙ୍କୁ, ମାନଙ୍କୁ ଚିହ୍ନ ବ୍ୟବହାର କରାଯାଏ। ତୃତୀୟା ବିଭକ୍ତିରେ ଦ୍ୱାରା, ଦେଇ, ମାନଙ୍କରେ, ମାନଙ୍କଦ୍ୱାରା ଚିହ୍ନ ବ୍ୟବହାର କରାଯାଏ। ଚତୁର୍ଥୀ ବିଭକ୍ତିରେ କୁ, ଙ୍କୁ, ମାନଙ୍କୁ, ଗୁଡ଼ିକୁ, ଚିହ୍ନ ବ୍ୟବହାର କରାଯାଏ। ପଞ୍ଚମୀ ବିଭକ୍ତିରେ ରୁ, ଠାରୁ, ମାନଙ୍କଠାରୁ, ଚିହ୍ନ ବ୍ୟବହାର କରାଯାଏ। ଷଷ୍ଠୀ ବିଭକ୍ତିରେ ର, ଙ୍କ, ଙ୍କର, ମାନଙ୍କ, ମାନଙ୍କର ଏବଂ ସପ୍ତମୀ ବିଭକ୍ତିରେ ରେ, ଠାରେ, ମାନଙ୍କରେ, ମାନଙ୍କଠାରେ ଚିହ୍ନ ବ୍ୟବହାର ହୋଇଥାଏ।

କାରକ:- ବାକ୍ୟରେ କ୍ରିୟାପଦ ସହିତ ଅନ୍ୟପଦର ଯେଉଁ ସମ୍ବନ୍ଧ ଥାଏ, ତାହାକୁ କାରକ କୁହାଯାଏ। ଏହା ଛଅ ପ୍ରକାରର- କର୍ତ୍ତାକାରକ, କର୍ମକାରକ, କରଣକାରକ, ସଂପ୍ରଦାନ କାରକ, ଅପାଦାନ କାରକ ଓ ଅଧିକରଣକାରକ। କର୍ତ୍ତାକାରକରେ ପ୍ରଥମା ବିଭକ୍ତି, କର୍ମକାରକରେ ଦ୍ୱିତୀୟା ବିଭକ୍ତି, କରଣକାରକରେ ତୃତୀୟା ବିଭକ୍ତି, ସଂପ୍ରଦାନକାରକରେ ଚତୁର୍ଥୀ ବିଭକ୍ତ, ଅପାଦାନ କରକରେ ପଞ୍ଚମୀ ବିଭକ୍ତି, ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହେଉଥିବାବେଳେ ସମ୍ବନ୍ଧ ପଦରେ ଷଷ୍ଠୀ ବିଭକ୍ତି ହୁଏ। କର୍ତ୍ତାକାରକ:- ଯେ କାର୍ଯ୍ୟ କରେ ବା କରାଏ, ତାହା କର୍ତ୍ତାକାରକ।

ଆଶିଷ ଯାଉଅଛି। ଘୋଡ଼ା ଚରୁଅଛି। ଚଢ଼େଇ ଉଡ଼ିଗଲା।

କର୍ମକାରକ: କର୍ତ୍ତା ଯାହା କରେ ବା ଯାହା ପ୍ରତିକ୍ରିୟା ପ୍ରତିକ୍ରିୟା ପ୍ରୟୋଗ କରେ ତାହା କର୍ମକାରକ ହୋଇଥାଏ। ମୁଁ ତାଙ୍କୁ କହିବି। ମାଧବ ମାଛ ଧରୁଅଛି। ଅମରେଶ ଭାତ ଖାଉଛି। କରଣ କାରକ: କର୍ତ୍ତା ଯାହାଦ୍ୱାରା କାମଟି କରିଥାଏ, ତାହାର କରଣ କାରକ ହୋଇଥାଏ।

ଲାଲୁ ରେଳଗାଡ଼ିରେ ପୁରୀ ଗଲା। ବସନ୍ତ କଲମରେ ଲେଖୁଛନ୍ତି। ଏ କାମ ମୋ ଦେଇ ହେବ ନାହିଁ।

ସଂପ୍ରଦାନ କାରକ:- ଯାହାକୁ ଦାନ କରାଯାଏ। ତାହାର ସଂପ୍ରଦାନ କାରକ ହୁଏ। ଭିକାରିକୁ ପଇସା ଦିଅ। ଗରିବକୁ ଦାନ କର। ସେ ପିଲାମାନଙ୍କୁ ରସଗୋଲା ଦେଲେ। ଅପାଦାନ କାରକ:- ବସ୍ତୁ, ବ୍ୟକ୍ତି କିମ୍ବା ଯେଉଁଠାରୁ ଅଲଗା ହୁଅନ୍ତି ତାହାର ଅପାଦାନ କାରକ ହୁଏ। ଗଛରୁ ପତ୍ର ପଡ଼ିଲା। ସେ ଘରୁ ଆସିଲେ। ଆକାଶରୁ ବର୍ଷା ପଡ଼ିଲା। ଅଧିକରଣ କାରକ:- କ୍ରିୟା ଯେଉଁ ସ୍ଥାନରେ ବା ଯେଉଁ ସମୟରେ ଲାଗେ ତାହାର ଅଧିକରଣ କାରକ ହୁଏ। ମାଛ ପୋଖରୀରେ ଖେଳୁଅଛି। ଗଛରେ ଫୁଲ ଫୁଟିଅଛି। ସୁଶାନ୍ତ ଘରେ ଅଛି।

ସମ୍ବନ୍ଧ ପଦ:- ଯାହାର କୌଣସି ବ୍ୟକ୍ତି, ବସ୍ତୁ, କିମ୍ବା ପ୍ରାଣୀ ସହିତ ସମ୍ବନ୍ଧ ଥାଏ, ତାହାକୁ ସମ୍ବନ୍ଧ ପଦ କୁହାଯାଏ।

ଦୀପ୍ତିର କଲମଟି ଖୁବ୍ ସୁନ୍ଦର। ସୂର୍ଯ୍ୟଙ୍କର କିରଣ ପ୍ରଖର। ତାଙ୍କ ଘରେ ମୁଁ ରହିବି ନାହିଁ।

ପ୍ରତିଶବ୍ଦ:- ସୂର୍ଯ୍ୟ- ରବି, ତପନ, ଦିନନାଥ।
ପାଣି- ବାରି, ଜଳ, ନୀର।
ଚନ୍ଦ୍ର- ଜହ୍ନ, ଶଶି, ଚାନ୍ଦ।
ପଦ୍ମ- ରାଜୀବ, ନଳିନୀ, କମଳ।
ରାସ୍ତା- ବାଟ, ସଡ଼କ, ପଥ।
ପୃଥିବୀ- ଧରିତ୍ରୀ, ଧରଣୀ, ମହୀ।
ଗଣେଶ- ଗଜାନନ, ଲମ୍ବୋଦର, ଗଣପତି।
ଝିଅ- କନ୍ୟା, ଦୁହିତା, ସୁତା।
ପୁଅ- ନନ୍ଦନ, ତନୟ, ସୁତ।
ନାରୀ- ରମଣୀ, କାମିନୀ, ଲଳନା।
ମେଘ- ଘନ, ବାରିଦ, ଅମ୍ବୁଦ।
ଫୁଲ- ସୁମନ, କୁସୁମ, ପୁଷ୍ପ।
କିରଣ- ରଶ୍ମି, ପ୍ରଭା, ଅଂଶୁ।
ପବନ- ସମୀର, ବାୟୁ, ମରୁତ।
ବଣ- ଅରଣ୍ୟ, ଜଙ୍ଗଲ, କାନନ।

ବିପରୀତ ଶବ୍ଦ :
ସୁବିଧା-ଅସୁବିଧା
ବିଷ- ଅମୃତ
ଆସ୍ତିକ- ନାସ୍ତିକ
ଆରମ୍ଭ- ଶେଷ
ଖାଲ-ଢିପ
କଞ୍ଚା- ପାଚିଲା
ଉଦୟ-ଅସ୍ତ
ପ୍ରଶ୍ନ-ଉତ୍ତର
ଜଣା-ଅଜଣା
ଅର୍ଥ-ଅନର୍ଥ
ଭାବ-ଅଭାବ
ଆଲୋକ- ଅନ୍ଧାର
ଉପକାର- ଅପକାର
ଉର୍ବର-ଅନୁର୍ବର
ଆୟ- ବ୍ୟୟ
ଦିନ-ରାତି
ଇହକାଳ-ପରକାଳ
ଜ୍ଞାନୀ-ଅଜ୍ଞାନୀ
ପୂର୍ବ -ପଶ୍ଚିମ

ଉନ୍ନତି-ଅବନତି କୁହାଯାଇପାରେ ଯେ, ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ସମୟକ୍ରମେ ଭାଗ ଭାଗ ହୋଇ କଳିଙ୍ଗ, କଙ୍ଗୋଦ, ଉତ୍କଳ, ଓଡ୍ର ନାମରେ ନାମିତ ହୋଇଥିଲା। ସାଂପ୍ରତିକ ଓଡ଼ିଶା ସେହି ପ୍ରାଚୀନ ଓଡ୍ର ଭୂଖଣ୍ଡ। ଆଉ ଏହି ଭୂଖଣ୍ଡର ଭାଷା ହିଁ ୨୦୧୪ରେ ଭାରତ ସରକାରଙ୍କ ସ୍ୱୀକୃତ ଶାସ୍ତ୍ରୀୟ ଓଡ଼ିଆ ଭାଷା। ଏହି ଭାଷାର ସୁରକ୍ଷା ଓ ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ। କେବଳ ସରକାରଙ୍କ ଉପରେ ନିର୍ଭର କଲେ, ଆମଭାଷା ବ୍ୟବହାରକ୍ଷମ ହୋଇପାରିବ ବୋଲି ଆମେ ଯଦି ଭାବୁଛେ ତେବେ ତାହା ଠିକ୍ ନୁହେଁ। ବରଂ ଆମେ ଘରେ ଓ ବାହାରେ ଯଥା ସ ମ୍ଭବ ଓଡ଼ିଆ ଭାଷାକୁ ଅଧିକରୁ ଅଧିକ ବ୍ୟବହାର କଲେ ହିଁ ଆମ ଓଡ଼ିଆ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

# ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ଆବଶ୍ୟକତା

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ଥା ଯୋଡି ହେଲା। ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ।

ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ। ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ନିଜ ଜୀବନର କର୍ତବ୍ୟକୁ ସେହି ରୂପେ ପାଳନ କରିବ। ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ। ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ। ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ। ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍ ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ। ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ। ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି? ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ। ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର। ଏହା ଭାବିଭାବି ସେ ଡରିଗଲେ। ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ। ତୁମେ ବିବେକବାନ। ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ। ଏହା ହିଁ ତ ଦିବ୍ୟଜ୍ଞାନ।



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

# ମାଓ ମୁକ୍ତ ଅଭିଯାନ

ମାଓବାଦୀଙ୍କ ଦୁର୍ଗ ଭାବେ ପରିଚିତ ଛତିଶଗଡରେ ଘଞ୍ଚ ବନାନୀ ବେଷ୍ଟିତ ବିଜାପୁର ଜିଲ୍ଲାର ଇନ୍ଦ୍ରାବତୀ ନ୍ୟାସନାଲ ପାର୍କରେ ତଲାସୀ ଅଭିଯାନ ସମୟରେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ୩୧ଜଣ ନକସଲ୍ ନିହତ ହେବା ନିଶ୍ଚିତ ଭାବେ ରାଜ୍ୟ ପୋଲିସ ପାଇଁ ଏକ ବଡ ଧରଣର ସଫଳତା ବୋଲି କୁହାଯାଇପାରିବ। କିନ୍ତୁ ଦୁଃଖଦ ଘଟଣା ହେଉଛି ମାଓବାଦୀଙ୍କ ଗୁଳିରେ ପାଞ୍ଚଜଣ ଯବାନ ସହୀଦ ହୋଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୨୩ ଡିସେମ୍ବରରେ ଛତିଶଗଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାରଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ ମାଓବାଦୀଙ୍କ ବିରୁଦ୍ଧରେ ଧରପଗଡ ଅଭିଯାନକୁ ଯୋରଦାର କରିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ ସୁରକ୍ଷା କର୍ମୀଙ୍କ ଗୁଳିରେ ୨୮୦ରୁ ଅଧିକ ମାଓବାଦ ନିହତ ହୋଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଗିରଫ କରାଯାଇଛି। ସେହିପରି ଏହି ଅବଧି ମଧ୍ୟରେ ୯୨୫ଜଣ ଆତ୍ମସମର୍ପଣ କରିଛନ୍ତି। କେବଳ ଏତିକି ନୁହେଁ, ଚଳିତ ବର୍ଷ ଦେଢମାସ ବ୍ୟବଧାନରେ ଛତିଶଗଡରେ ଚାରିଟି ବଡ ଧରଣର ସେନା ଅପରେସନ ମାଓବାଦୀଙ୍କ ଦୁର୍ଗ ଛାରଖାର କରିଦେଇଛି। ଗତ ଦେଢ ଦଶନ୍ଧି ତଳେ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ରୁ ୨୦ହଜାର ଥିବାବେଳେ ୨୦୨୫ ବେଳକୁ ଏହି ସଂଖ୍ୟା ୧୦୦୦ତଳକୁ ଖସି ଆସିଥିବା କୁହାଯାଇଛି। ସେହିପରି ଗତ ୨୪ ବର୍ଷ ମଧ୍ୟରେ ୪୬୧୧ ମାଓବାଦୀ ନିହତ ହୋଇଥିବାବେଳେ ୧୬,୩୯୪ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ସଂଘର୍ଷରେ ମଧ୍ୟ ଏହି ଅବଧି ମଧ୍ୟରେ ୨୦୯୨ ଜଣ ସୁରକ୍ଷା କର୍ମୀ ସହୀଦ ହୋଇଛନ୍ତି। ମାଓବାଦୀ ବସ୍ତର ଅଂଚଳରେ ଏତେ ହିଂସାମୁଖୀ ହୋଇଥିଲେ ଯେ, କିଛି ବର୍ଷ ଳେ ଆଇଇଡି ବିସ୍ଫୋରଣ ସେନା ଗାଡି ଉଡିଯିବା ସହ ୭୫ଜଣ ଯବାନ ସହୀଦ ହୋଇଥିଲେ। ଆହୁରି ମଧ୍ୟ ମାଓବାଦୀଙ୍କ ନୃଶଂସ ଆକ୍ରମଣରେ କଂଗ୍ରେସର ୨୫ଜଣ ତୁଙ୍ଗ ନେତା ନିହତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ସି.ଶୁକ୍ଳାଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ବହୁ କର୍ମକର୍ତ୍ତା ଥିଲେ। ଏବେ ଯେଉଁ ମାଓବାଦୀଙ୍କ ବିରୋଧରେ ଅଭିଯାନ ଚାଲିଛି, ସେଥିରେ ରାଜ୍ୟ ପୋଲିସ, ଡିଭିଏଫ, ସୀମା ସୁରକ୍ଷା ବାହିନୀ (ବିଏସଏଫ), କେନ୍ଦ୍ରୀୟ ରିର୍ଜଭ ପୋଲିସ ବାହିନୀ (ସିଆରପିଏଫ), ଭାରତ ତିବତୀୟ ସୀମାନ୍ତ ସୁରକ୍ଷା ବାହିନୀ (ଆଇଟିବିପି) ସାମିଲ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୃହତ ସମନ୍ୱୟରେ ଛତିଶଗଡରେ ମାଓ ବିରୋଧି ଅଭିଯାନକୁ ଯୋରଦାର କରାଯାଇଛି। ଏହା ସତ୍ୟ ଯେ, ଗତ ପାଞ୍ଚ ଦଶନ୍ଧି ଧରି ନକ୍ସଲଙ୍କ କାର୍ଯ୍ୟକଳାପ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ବଡ ବିପଦ ଭାବେ ଉଭା ହୋଇଛି। କିନ୍ତୁ ଗତ ୧୫ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ମାଓଦୁର୍ଗ ଏକ ପ୍ରକାର ଭୁଶୁଡି ପଡିଛି। ଉଲ୍ଲେଖ କରାଯାଇପାରେ ଯେ, ଦେଶର ପ୍ରାୟ ୧୫ଟି ରାଜ୍ୟ ମାଧ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ଥିଲା। ଛତିଶଗଡ ବ୍ୟତୀତ ଓଡିଶା, ଆନ୍ଧ୍ର, ତେଲେଙ୍ଗାନା, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମାଓବାଦୀ ଏବେ ବି ସକ୍ରୀୟ ଅଛନ୍ତି। ତେବେ ଛତିଶଗଡ, ମହାରାଷ୍ଟ୍ର ବ୍ୟତୀତ ଅନ୍ୟପକ୍ଷରେ କେତେକ ଅଞ୍ଚଳରେ ସେମାନଙ୍କ ସ୍ଥିତି ଅତି ନଗଣ୍ୟ ଥିବା କୁହାଯାଏ। ଓଡିଶାର ଛତିଶଗଡ ସୀମାନ୍ତ ସଂଲଗ୍ନ ମାକାଲାନାଗିରି, ତେଲେଙ୍ଗାନା ଓ ଆନ୍ଧ୍ରର ଘଞ୍ଚ ପାହାଡିଆ ଅଞ୍ଚଳରେ ମାଓବାଦୀ ନିଜର ଉପସ୍ଥିତି ସମୟେ ସମୟେ ଜାହିର କରି ଆସୁଛନ୍ତି। ଏହା ନିସନ୍ଦେହ ଯେ, ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି। ଅବଶ୍ୟ ଓଡିଶା ସରକାରଙ୍କ ଥଇଥାନ ଅଭିଯାନରେ ବହୁ ମାଓବାଦୀ ସଂଗଠନ ଛାଡି ସାମାଜିକ ମହାସ୍ରୋତରେ ସାମିଲ ହୋଇଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ନକ୍ସଲ ଦୁର୍ଗ ଏକ ପ୍ରକାଶ ନିଶ୍ଚିହ୍ନ ହୋଇଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୦ ମସିହା ପୂର୍ବରୁ ଦେଶରେ ୨୨୦ର ଅଧିକ ଜିଲ୍ଲା ମାଓ ଅଧ୍ୟୁଷିତ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଜିଲ୍ଲା ସଂଖ୍ୟା ୪୦କୁ ଖସି ଆସିଛି। କିନ୍ତୁ ୨୦ଟି ଜିଲ୍ଲାରେ ମାଓ ହିଂସା ଲାଗି ରହିଛି। ଏହା ସତ୍ୟ ଯେ, ଦୁର୍ଗମ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ରାସ୍ତାଘାଟର ବିକାଶ ଯୋଗୁଁ ସାଧାରଣ ଲୋକ ମାଓବାଦୀଙ୍କ ସଂଗଠନ ସହ ସମ୍ପର୍କ ଛିନ୍ନ କରିବା ସଂଗଠନକୁ ଦୁର୍ବଳ କରିଦେଇଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ମଇ ୨୦୨୫ ରବିବାର





# ରାସ୍ତାରେ ନର୍ଦ୍ଦମା ପାଣିର ସ୍ରୋତ:ଲୋକେ କଳବଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମର ବିଗ୍‌ବଜାର ଛକରୁ ସତ୍ୟନଗର ସାଇ ମନ୍ଦିର ରାସ୍ତାରେ ଦେଖିବାକୁ ମିଳିଛି ଆବର୍ଜନା ପାଣି ନିଷ୍କାସନର ବିକଳ ଚିତ୍ର। ଯାହା ସାହିବାସିନ୍ଦାଙ୍କୁ କଳବଳ କରୁଛି। ଦୁର୍ଗନ୍ଧରେ ଆଖପାଖ ଲୋକେ ରହିପାରୁନାହାନ୍ତି। ସେପଟେ ଦୈନିକ ଏହି ରାସ୍ତାରେ ଲୋକେ ଗାଡ଼ିମୋଟର ନେବା ବେଳେ ଅନ୍ୟମନସ୍କରେ କଚଡ଼ା ଖାଉଛନ୍ତି। ମାସ ମାସ ଧରି ରାସ୍ତାରେ ଆର୍ବଜନା ପାଣି ଏଭଳି ଭାସୁଥିଲେ ବି ମହାନଗର ନିଗମ କର୍ତ୍ତୃକ୍ଷଙ୍କ ଏହା ଉପରେ ନଜର ପଡୁନି। ଶେଷରେ ବାଧ ହୋଇ ନାଳନର୍ଦ୍ଦମାର ପାଣି ଭାସୁଥିବା ସ୍ଥାନରେ ଅଞ୍ଚଳବାସୀ ବାଉଁଶ ପୋତି ଲୋକଙ୍କୁ ସତର୍କ କରାଇଛନ୍ତି। ବିଗ୍‌ବଜାର ଛକରୁ ସତ୍ୟନଗର ସାଇମନ୍ଦିର ୩୪ ନମ୍ବର ୱାର୍ଡରେ ଆସୁଛି। ନାଳ ଜାମ୍ କାରଣରୁ ଆବର୍ଜନା ପାଣି ନିଷ୍କାସିତ ହୋଇନପାରି ରାସ୍ତାରେ ବହୁଛି। ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଚାହିଁଥିଲେ, ଏହି ସ୍ଥାନରେ ଥିବା ଚାମ୍ବରକୁ ସଫା କରି ଆବର୍ଜନା ପାଣି ନିଷ୍କାସନ ବାଟକୁ ସୁଗମ କରିପାରନ୍ତା। କିନ୍ତୁ ସେ ୱାର୍ଡ ଅଧିକାରୀ ହୁଅନ୍ତୁ କି ଜୋନାଲ୍ ଅଧିକାରୀ, କାହାରି ଏଥିପ୍ରତି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣିରେ ବି ଏହି ପ୍ରସଙ୍ଗରେ ଅଞ୍ଚଳବାସୀ ହୋହଲ୍ଲା କରିଥିଲେ। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଉପସ୍ଥିତ ଅଧିକାରୀ, ଯନ୍ତ୍ରୀ ବି ଏହି ପ୍ରସଙ୍ଗ ଖାତାରେ ଟିପି ରଖି ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଅଭିଯୋଗ ଶୁଣାଣିକୁ ସପ୍ତାହେ ବିତିଲାଣି, ଅଥଚ ଡ୍ରେନ୍ ପାଣି ସେହିଭଳି ରାସ୍ତାରେ ଭାସୁଛି। ଅପରପକ୍ଷେ ଏତେଦିନ ଧରି ଆବର୍ଜନା ପାଣି ରାସ୍ତାରେ ଭାସିବା ଫଳରେ ଏହା ଘାସ ଜଙ୍ଗଲ ହୋଇଗଲାଣି। ଶିଉଳି ଆସ୍ତରଣ ବସିଗଲାଣି। ଅଧାରୁ ଅନେକ ସମୟରେ ଏଠାରେ ଛୋଟବଡ଼ ଦୁର୍ଘଟଣା ବି ଘଟୁଛି। ଏଣୁ ବଡ଼ ଦୁର୍ଘଟଣା ପୂର୍ବରୁ ମହାନଗର ନିଗମ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କେବଳ ସେତିକି ନୁହେଁ, ସତ୍ୟନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଡ୍ରେନ୍ ଓ ସ୍ୱେରେଜ୍ ଲାଇନ୍ ଫାଟି ରାସ୍ତାରେ ମଇଳା ପାଣି ଜମା ହେଉଛି। ଲୋକସଂଖ୍ୟା ଅନୁସାରେ ସ୍ୱେରେଜ୍ ପାଇପ୍‌ର ମୋଟେଇ ହୋଇନଥିବାରୁ ରାସ୍ତାରେ ମଇଳା ପାଣି ଭାସୁଛି। ପୁଣି ସେଠିକାର କିଛି ଲୋକ ରାସ୍ତାରେ ନିଜର ଘରର ଆବର୍ଜନା ପାଣି ମଧ୍ୟ ରାସ୍ତାକୁ ଛାଡ଼ି ଦେଉଛନ୍ତି। ଫଳରେ ସେହି ଅଞ୍ଚଳରେ ରହୁଥିବା ୨୦୦ରୁ ଉର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହେଉଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ୧୯୬୦ ମସିହାରେ ୬ ଇଞ୍ଚିଆ ପାଇପ୍ ଚଳି ଯାଉଥିଲା। ହେଲେ ବର୍ତ୍ତମାନ ଏହି ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଫଳରେ ସେହି ମୋଟେଇର ପାଇପ୍ ଆଉ କାମ କରୁନାହିଁ ଓ ରାସ୍ତାରେ ମଇଳା ପାଣି ଭାସୁଛି। ତେଣୁ ଅଞ୍ଚଳବାସୀ ଏଠାରେ ୧୦ ଇଞ୍ଚିଆ ପାଇପ୍ ପାଇଁ ଦାବି କରିଛନ୍ତି। ଏନେଇ ୱାର୍ଡକୋର କନିଷ୍ଠ ଯନ୍ତ୍ରୀ ଗିରିଜାନନ୍ଦିନୀ ପତି କହିଛନ୍ତି, ଏହି ଅଞ୍ଚଳର କଥା ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।



# ଗଞ୍ଜେଇ ଜବତ:ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଟାଙ୍ଗୀ ବଇଁଚୁଆ ନିକଟ ଟୋଲ୍ ଗେଟ୍ ନିକଟରେ ଚଢ଼ଉ କରାଯାଇ ୮ କେଜି ୨୦୦ ଗ୍ରାମ୍ ବେଆଇନ୍ ଗଞ୍ଜେଇ ଜବତ କରାଯିବା ସହିତ ଏ ସଂକ୍ରାନ୍ତରେ ଜଣକୁ ଗିରଫ କରାଯାଇଛି । ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଅରୂପା ବିଶ୍ୱାସ । ସୂଚନାରୁ ପ୍ରକାଶ ଯେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଚୋରା ଗଞ୍ଜେଇ କାରବାର ଚାଲିଥିବା ଖବରପାଇ କଟକ ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ଅବକାରୀ ବିଭାଗ ଇନିସ୍ପେକ୍ଟର ମାନସୀ ନାୟକ ଓ ଓଆଇସି ବାପି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଟୋଲ୍‌ଗୋଟ୍ ନିକଟରେ ଚଢ଼ଉକରି ଅଭିଯୁକ୍ତ ଅରୂପକୁ ଧରିବା ସହିତ ସେ ଏକ ବସ୍ତାରେ ରଖିଥିବା ଗଞ୍ଜେଇକୁ ଜବତ କରିଥିଲେ । ଅଧିକାରୀ ଆଶୁତୋଷ ଜେନା, ଦେବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପାତ୍ର ପ୍ରମୁଖ ଚଢ଼ଉରେ ଅଂଶ ଗ୍ରହଣ କରିଥିଲେ ।

# ଜମିବାଡ଼ି ବିବାଦ, ଛୁରା ମାଡ଼ରେ ଜଣେ ଗୁରୁତର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ କତରକେଲା ଗାଁରେ ଜମିବାଡ଼ି ବିବାଦକୁ ନେଇ ଛୁରାମାଡ ହୋଇଛି । ଛୁରା ମାଡ଼ରେ କତାରକେଲା ଗାଁର ନାରାୟଣ ପ୍ରସାଦ ପଟେଲ ଗୁରୁତର ହୋଇଛନ୍ତି । ତାଙ୍କୁ କୁଚିଣ୍ଡା ନିକଟସ୍ଥ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆକ୍ରମଣକାରୀ କୁବେର ଭୋଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡିଛି । ସୂଚନା ମୁତାବକ, ନିଜ ଜମିରେ ନାରାୟଣ ଟ୍ରାକ୍ଟରରେ ହଳ କରୁଥିଲେ । ଏହି ସମୟରେ ପଡୋଶୀ ଜମି ମାଲିକ କୁବେର ମଧ ତାଙ୍କ ଜମି ହଳ କରିବାକୁ ନାରାୟଣଙ୍କୁ ଅନୁରୋଧ କରିଥିଲା । ପରବର୍ତ୍ତୀ ସମୟରେ ସେହି ଜମି ହଳ କରିବା କଥାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ କୁବେର ଏକ ଧରୁଆ ଛୁରୀରେ ନାରାୟଣଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ପରିବାରଲୋକେ ନାରାୟଣଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ଏନେଇ ନାରାୟଣଙ୍କ ପୁଅ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି ।

# ଅଟୋରୁ ଯୁବକଙ୍କ ମୃତଦେହ ଉଦ୍ଧାର:ହତ୍ୟା ସନ୍ଦେହ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଲରମ୍ବା ଥାନା ଅନ୍ତର୍ଗତ ଜୁରିଆ ଗ୍ରାମ ନିକଟରେ ଜଣେ ଯୁବକଙ୍କର ମୃତଦେହ ଏକ ଅଟୋରେ ଠାବ ହୋଇଛି। ମୃତ ଯୁବକ କ୍ଷୀରୋଦ ମେହେର ଓ ତାଙ୍କ ଘର ବରଗଡ଼ ଜିଲ୍ଲା ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଦରବେକେଲା ଗ୍ରାମର ବୋଲି ଜଣାପଡ଼ିଛି। ଦରବେକେଲା ଗ୍ରାମର କ୍ଷୀରୋଦ ପଦ୍ମପୁର ଯାଉଥିବା ନେଇ କହି ଘରୁ ବାହାରିଥିଲେ। ହେଲେ ରାତିରେ ଆଉ ଫେରିନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଲେ ପାଇନଥିଲେ। ସକାଳୁ ପାଟଣାଗଡ଼ ଲରମ୍ବା ଥାନା ଅନ୍ତର୍ଗତ ଜୁରିଆ ନିକଟରେ ଏକ ଅଟୋରେ ଜଣେ ଯୁବକର ମୃତଦେହ ପଡ଼ିଥିବା ନେଇ ଅଞ୍ଚଳବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ମୃତ ଯୁବକ ଦରବେକେଲା ଗ୍ରାମର କ୍ଷୀରୋଦ ମେହେର ବୋଲି ଜାଣିବାକୁ ପାଇ ପରିବାରବର୍ଗଙ୍କୁ ଖବର ଦେଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ପରିବାର ଲୋକେ ଚିହ୍ନଟ କରିଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଉଦ୍ଧାର କରିବା ପରେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଦରବେକେଲା ଗ୍ରାମର କ୍ଷୀରୋଦ ପଦ୍ମପୁର ଯାଉଥିବା ନେଇ କହି ଘରୁ ବାହାରିଥିଲେ। ହେଲେ ରାତିରେ ଆଉ ଫେରି ନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ପାଇନଥିଲେ। ସକାଳୁ ପାଟଣାଗଡ଼ ଲରମ୍ବା ଥାନା ଅନ୍ତର୍ଗତ ଜୁରିଆ ନିକଟରେ ଏକ ଅଟୋରେ ଜଣେ ଯୁବକର ମୃତଦେହ ପଡ଼ିଥିବା ନେଇ ଅଞ୍ଚଳବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ମୃତ ଯୁବକ ଦରବେକେଲା ଗ୍ରାମର କ୍ଷୀରୋଦ ମେହେର ବୋଲି ଜାଣିବାକୁ ପାଇ ପରିବାର ବର୍ଗଙ୍କୁ ଖବର ଦେଇଥିଲା। ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଉଦ୍ଧାର କରିବା ପରେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ କରୁଛି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ବୁଲା ଷଣ୍ଢ ଲହୁଲୁହାଣ:ହିନ୍ଦୁ ସେନାର ଏତଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ମରିଗଲା ମାନବିକତା। ଟପିଗଲା ନୃଶଂସତାର ସବୁ ସୀମା। ବୁଲା ଷଣ୍ଢକୁ ଅମାନୁଷିକ ଭାବେ ଆକ୍ରମଣ। କଟକ ଗତିରାଉତପାଟଣା ଠାରେ ଏଭଳି ଘଟଣା ଘଟିଛି। ଏକ ବୁଲା ଷଣ୍ଢକୁ କେହି ଦୁର୍ବୃତ୍ତ ଅତି ନିର୍ଦ୍ଦୟ ଭାବେ ହାଣି ଲହୁଲୁହାଣ କରିଛି। ଷଣ୍ଢଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏନେଇ କଟକ ପୂର୍ବାଞ୍ଚଳ ଶାଖା ହିନ୍ଦୁ ସେନା ପକ୍ଷରୁ ସିଆର୍‌ଆର୍‌ଆଇ ଥାନାରେ ଏତଲା ଦିଆଯାଇଛି । ଗତ ମାର୍ଚ୍ଚ ମାସରେ ବିରିବାଟୀ ଠାରେ ମଧ ଏଭଳି ସମାନ ଘଟଣା ଦେଖିବାକୁ ମିଳିଥିଲା। ତେଣୁ ବୁଲା ଷଣ୍ଢଙ୍କୁ କେହି ଜାଣିଶୁଣି ଏଭଳି ଲହୁଲୁହାଣ କରୁଥିବା ନେଇ ହିନ୍ଦୁସେନା ତରଫରୁ ଅଭିଯୋଗ ହୋଇଛି। ଏହାର ଉପଯୁକ୍ତ ତଦନ୍ତ ଦାବି କରାଯାଇଛି।

# ଏସ୍‌ସିବି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଅଗ୍ନିନିରାପତ୍ତା ମକ୍‌ଡ୍ରିଲ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟ ସମୟରେ ଧନ ଜୀବନ ରକ୍ଷା ତଥା ସର୍ବସାଧାରଣ ସମ୍ପତ୍ତି ରକ୍ଷା ସମ୍ବନ୍ଧରେ ସମସ୍ତେ ସଚେତନ ହେବା ଏବଂ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ବିଶେଷକରି ହସ୍ପିଟାଲ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ କିପରି ଏଡାଇ ଦିଆଯାଇପାରିବ ସେ ସମ୍ପର୍କରେ ତାଲିମ୍ ଦେବା ଉଦ୍ଦେଶ୍ୟରେ ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲ୍ ପରିସରରେ ଅଗ୍ନି ନିରାପତ୍ତା ତାଲିମ୍ ଓ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ୍ ଅଧିକ୍ଷକ ପ୍ରଫେସର ଡାକ୍ତର ଗୌତମ ଶତପଥି, କୁଳସଚିବ ସୁବାସ ଚନ୍ଦ୍ର ରାୟ, ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରଫେସର ତଥା ଡାକ୍ତରଙ୍କ ଉପସ୍ଥିତିରେ ହସ୍ପିଟାଲ୍ ପରିଚାଳକ, ନର୍ସିଂ ଷ୍ଟାଫ୍, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ସହାୟକମାନେ ନିଆଁ ଲାଗିବାର କାରଣ ଓ ଏହାକୁ ଲିଭାଇବାର କୌଶଳ ତଥା ନିଆଁ ଲିଭାଇବା ଯନ୍ତ୍ରର ବ୍ୟବହାର ସମ୍ପର୍କରେ ତାଲିମ୍ ନେବା ସହ ମକ୍ ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିଲେ। କେବଳ ହସ୍ପିଟାଲ୍ ନୁହେଁ ଦୈନନ୍ଦିନ ଜୀବନରେ ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ଘଟିଲେ ଏହିସବୁ ଉପାୟ ଅବଲମ୍ବନ କରି ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ। ଜିଲ୍ଲା ଅଗ୍ନିଶମ ଅଧିକାରୀ ସଂଜୀବ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ତାଲିମ୍ ପ୍ରଦାନ କରିଥିଲେ।



# ପାଲଲହଡ଼ାରେ ଚୋରା ବନ୍ଧୁକ ତିଆରି କାରଖାନା ଠାବ:ବନ୍ଧୁକ ସହ ଜଣେ ଗିରଫ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ବନ୍ଧୁକ ତିଆରି କାରଖାନା ଠାବ। ଅନୁଗୁଳ ପାଲଲହଡ଼ାରେ ବେଆଇନ୍ ବନ୍ଧୁକ ତିଆରି କାରଖାନା ଠାବ କରିଛି ପୋଲିସ। ବେଆଇନ୍ ଭାବେ ବନ୍ଧୁକ ତିଆରି ଚାଲିଥିବା ବେଳେ ପୋଲିସ ମାଡିବସିଥିଲା। ଦେଶୀ ବନ୍ଧୁକ ସହ ଜଣକୁ ଗିରଫ କରିଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ପାଲଲହଡା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ଜାମୁଆ ଗାଁର ବଣୁ କିସାନ। ଦୀର୍ଘଦିନ ହେବ ବେଆଇନ୍ ଭାବେ ଦେଶୀ ବନ୍ଧୁକ ନିର୍ମାଣ କରି ୫ରୁ ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ରେଡ କରିଥିଲା ଖମାର ପୋଲିସ। ବନ୍ଧୁକ ତିଆରି ସାମଗ୍ରୀ ସହ ଗୋଟିଏ ଦେଶୀ ବନ୍ଧୁକ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ । ମାମଲାରେ ଅନ୍ୟ ଜଣେ ବ୍ୟକ୍ତି ଅଟକ ଅଛନ୍ତି। ଅଟକ ବ୍ୟକ୍ତି ଜଣକ ସେହି ଗ୍ରାମର ଜର୍ଜ କମଲ ବୋଲି ଜଣାପଡିଛି।

# ରବିଧାନ ମଣ୍ଡି ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ସଚିବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଗସ୍ତରେ ଆସି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ନେତ୍ରମଣି ପଣ୍ଡା ବିଭିନ୍ନ ପ୍ରସ୍ତାବିତ ରବି ଧାନ କ୍ରୟ ମଣ୍ଡି ପରିଦର୍ଶନ କରିଛନ୍ତି । ମଣ୍ଡି ମାନଙ୍କର ଭିତ୍ତିଭୂମି, ଚାଷୀ ମାନଙ୍କ ପାଇଁ ଉପଲବ୍ଧ ଥିବା ଆନୁସଙ୍ଗିକ ସୁବିଧା ସୁଯୋଗର ତଦାରଖ କରିଥିଲେ । ପରିଦର୍ଶନ ସମୟରେ ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡିବନ୍ଧୁ ମହାକୁଡ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ଭୁଷଣ ହାବଡା ସିଂ, ଏସିଏସ୍‌ଓ ପ୍ରିୟରଞ୍ଜନ ନାଏକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଓରମାସ୍ ପକ୍ଷରୁ କେନ୍ଦୁଝର ଗାଁ ଆମ୍ବ ପସରା ଶୁଭାରମ୍ଭ





**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସଦରମହକୁମା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଓର୍‌ମାସ ପକ୍ଷରୁ କେନ୍ଦୁଝର ଗାଁ ଆମ୍ବପସରା ପ୍ରଦର୍ଶନୀ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଗ୍ରାମ୍ୟ ଉନ୍ନୟନ ଓ ଜିଲ୍ଲା ପରିଷଦ କୁମାର ନାଗଭୂଷଣ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଅଶୋକ ସେନାପତି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡିଏସ୍ ସୁଭଦର୍ଶୀ ଯୋଶୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ମଇ ମାସ ୨୩ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରଦର୍ଶନୀରେ ଦସେରି, ଆମ୍ରପଲ୍ଲୀ, ମଲ୍ଲୀକା, ଅଳଫାସ, ଲାଲସୁନ୍ଦରୀ, ବାଇଗଣପଲେଇ, ହିମସାଗର, କ୍ଷୀରସାଗର, ଲେଙ୍ଗ୍ରା, ଜାତୀୟ ଉନ୍ନତ ଆମ୍ବ ସୁଲଭ ଦରରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି, ତେଲକୋଇ, ଘଟଗାଁ, ବାଂଶପାଳର କାଞ୍ଜିପାଣି ଫାର୍ମସ ପ୍ରଡ୍ୟୁସର କମ୍ପାନୀ, ମା’ ଲକ୍ଷ୍ମୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ, ସମାକୋଇ ମହିଳା ଫାର୍ମସ ପ୍ରଡ୍ୟୁସର କମ୍ପାନୀ, ତେଲକୋଇ ପ୍ରଗତିଶୀଳ ଚାଷୀ ଅଲେଖ ନାୟକଙ୍କ ପକ୍ଷରୁ ଚାରୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଏହି ଆମ୍ବ ବିକ୍ରୟ କରାଯାଉଛି । ଚଳିତବର୍ଷ ଏହି ପ୍ରଦର୍ଶନୀ ଓ ବିକ୍ରୟ ସମୟ ମଧ୍ୟରେ ପାଞ୍ଚ ଟନ୍‌ରୁ ଉର୍ଦ୍ଧ୍ୱ ଆମ୍ବ କେନ୍ଦୁଝର ସହର ଖାଉଟିଙ୍କୁ ଯୋଗାଇ ଦିଆଯିବ ବୋଲି ଓର୍‌ମାସ୍ ଯୁଗ୍ମ କାର୍ଯ୍ୟନିର୍ବାହୀ ସପନ ଗୋସ୍ୱାମୀ ପ୍ରକାଶ କରିଛନ୍ତି । ଏ ଅବସରରେ ଉପ ନିର୍ଦ୍ଦେଶକ ଉଦ୍ୟାନକୃଷି ବିଭାଗ, କେନ୍ଦୁଝର ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନକୃଷି ଗୋବିନ୍ଦ ଚନ୍ଦ୍ର ମେହେର, ଉପସ୍ଥିତ ଥିଲେ। ପ୍ରକଳ୍ପ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ପଟ୍ଟନାୟକ କମରସିଆଲ ମ୍ୟାନେଜର ଗାୟତ୍ରୀ ପରିଡା, ଶୁଚିସ୍ମିତା ଦାସ, ଲକ୍ଷ୍ମୀଧର ମିଶ୍ର, ଭରତ ମହାନ୍ତ ପ୍ରମୁଖ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶ୍ରେଷ୍ଠ ମାଷ୍ଟର ବୁକ୍ କିପର ଭାବେ ହରିଚନ୍ଦନପୁର ବ୍ଲକର ସସ୍ମିତା ମାଝୀ, ସଦର ବ୍ଲକର ଅମିତା ନାଇକଙ୍କୁ ଓଏମ୍‌ସି ଏବଂ ଓର୍‌ମାସ୍ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା।

# କୃଷି ଶ୍ରମିକଙ୍କ ଆତ୍ମହତ୍ୟା:ପରିବାର ପକ୍ଷରୁ ନ୍ୟାୟ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଡାମରପୁର ଗ୍ରାମର କୃଷି ଶ୍ରମିକ ଭାବେ କାମ କରୁଥିବା ପ୍ରକାଶ ମାଝି ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜୁମଲକୁ ସହ୍ୟ ନକରିପାରି ଆତ୍ମହତ୍ୟା କରିଥିବା ପରିବାରକୁ ନ୍ୟାୟ ଦେବାପାଇଁ କଳିଙ୍ଗ ନବ ଦିଗନ୍ତ ସାମାଜିକ ସଂଗଠନ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ ଶ୍ରମିକ ସ୍ୱର୍ଗତ ପ୍ରକାଶ ମାଝି ତାଙ୍କ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ସେ ଘରୋଇ କମ୍ପାନୀରୁ ଋଣ ନେଇ ନିୟମିତ ଭାବେ ସୁଝି ଆସୁଥିଲେ । ମାତ୍ର ଗୋଟିଏ ମାସର କିସ୍ତି ଦେବାରେ ବିଳମ୍ବ ହେବାରୁ ଘରୋଇ କମ୍ପାନୀ ତରଫରୁ ତାଙ୍କ ଉପରେ ଜୁଲମ୍ କରିବା ଫଳରେ ସେ ନିରୂପାୟ ହୋଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ସହିତ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ କଳିଙ୍ଗ ନବଦିଗନ୍ତ ସାମାଜିକ ଅନୁଷ୍ଠାନ ଓ ମୃତକଙ୍କ ପତ୍ନୀ, ମାତା ଓ ଶିଶୁଙ୍କୁ ଧରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣ ଦେଇଥିଲେ । ସଂଗଠନ ତରଫରୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଜଣକୁ ଚାକିରୀ ଦେବାପାଇଁ ଦାବି କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସମାଜସେବୀ ଡ଼ଃ ଚୈତନ୍ୟ ଚରଣ ପରିଡା, ପ୍ରକାଶ ଚନ୍ଦ୍ର ମହାନ୍ତି, ଅଜୟ ସାମଲ, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାନଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।





# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ:ଆଟେଣ୍ଡାଣ୍ଟ ମୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

୧୦୮ ଆମ୍ବୁଲାନ୍ସ ଗାଡି ଦୁର୍ଘଟଣାଗ୍ରସ୍ତ। ଦୁର୍ଘଟଣାରେ ଆଟେଣ୍ଡାଣ୍ଟ ମୃତ, ଦୁଇ ଆହତ। ଯାଜପୁର ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥର ରଥିଆ ନିକଟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଆଟେଣ୍ଡାଣ୍ଟଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବଉଲାଙ୍ଗ ମଧୁପୁର ଅଞ୍ଚଳର ଅଚ୍ୟୁତାନନ୍ଦ ବାରିକ। ଶ୍ରମ ନିୟମକୁ ଉଲ୍ଲଂଘନ କରି ଦଶରଥପୁରର ଏହି ୧୦୮ ଆମ୍ବୁଲାନ୍ସ ଗାଡି ଦିନରେ ୬ଟି ରୋଗୀ ସେବା ଦେବା ପରେ ସନ୍ଧ୍ୟାରେ ରୋଗୀକୁ କଟକରେ ଛାଡି ଫେରିଲା ବେଳେ ଦୁର୍ଘଟଣା ଘଟିଛି। ଖବରପାଇ ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବୈତରଣୀରେ ବୁଡ଼ି ଜେଜେ-ନାତିଙ୍କ ମୃତ୍ୟୁ

**ପାଟଣା, ନ୍ୟୁଜ୍ ବ୍ୟୁରୋ**

ପାଟଣା ଥାନା ସାହାରପଡା ବ୍ଲକ ସିଲିପଦା ଗ୍ରାମର ବାସୁଦେବ ମହାନ୍ତ (୬୫) ଓ ତାଙ୍କ ସାନନାତି ଦିବ୍ୟାଂଶୁ ମହାନ୍ତ (୧୧) ଶୁକ୍ରବାର ନିକଟ ବୈତରଣୀ ଘାଟରେ ବୁଡି ପ୍ରାଣ ହରାଇଛନ୍ତି। ଶୁକ୍ରବାର ବାସୁଦେବଙ୍କ ବଡନାତି ଡାନିଏଲର (୧୪)ର ଜନ୍ମଦିନ ଥିଲା। ତେଣୁ ସେ ନିଜର ୨ ନାତିଙ୍କୁ ନେଇ ଗାଁ ପାଖ ବୈତରଣୀରେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ୨ ନାତି ଗଭୀର ଜଳକୁ ଚାଲିଯିବାରୁ ସେମାନଙ୍କୁ ବଞ୍ଚାଇବାକୁ ବାସୁଦେବ ମଧ ଗଭୀର ପାଣିକୁ ପଶି ଯାଇଥିଲେ। ତେବେ ବଡ଼ ନାତି ପହଁରି ପହଁରି ଜୀବନ ରକ୍ଷା କରିଥିବା ବେଳେ ସାନନାତି ଦିବ୍ୟାଂଶୁ ଓ ବାସୁଦେବ ବୁଡିଯାଇ ପ୍ରାଣ ହରାଇଥିଲେ।

# ବେଆଇନ୍ ଗୋଚାଲାଣ, ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଏତଲା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅଞ୍ଚଳରେ ଏବେ ଗୋଚାଲାଣ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି। ରାତିରେ ପ୍ରତିଦିନ ଗୋଚାଲାଣ ହେଉଥିବା ଅଭିଯୋଗକରି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ଧର୍ମଶାଳା ଥାନାରେ ଏତଲା ଦିଆଯାଇଛି। ବୁଧବାର ଦିନ ରାତିରେ କାଏମା ସ୍କୁଲ୍ ପଡିଆ ଠାରେ ଗୋଚାଲଣ ହେଉଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ନେଉଳପୁରର ସେକକାଲା ଓ ତାରଟିମ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ବର୍ଷ ବର୍ଷ ଧରି କଲିକତା ଗୋଚାଲାଣ କରୁଥିଲେ। ବୁଧବାର ଧରା ପଡ଼ିବାରୁ ଏହି ରାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି। ବଜରଙ୍ଗ ଦଳର ସଂଗଠକ ବେକାନନ୍ଦ ଜେନାଙ୍କ ନେତୃତ୍ୱରେ ବହୁ ଯୁବକ ଧର୍ମଶାଳା ଥାନା ଅଧିକାରୀଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।



# ବିପୁଳ ମଦ ଜବତ:୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ନିକିରେଇ, ରାଜନଗର, ପଟ୍ଟାମୁଣ୍ଡାଇ ରୁରାଲ ଓ ମହାକାଳପଡ଼ା ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଛାଞ୍ଚୁଣିଆ ଗ୍ରାମର ଅମର ସେଠୀଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ହଳଦିଆ ଗ୍ରାମର ଯାକିରି ଖାନଙ୍କ ଠାରୁ ୩୦ ଲିଟର ଦେଶୀ ମଦ, ନହଙ୍ଗା ଗ୍ରାମର ନରେଶ କୁମାର ସାହୁଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ, କେରଡାଗଡ଼ ଗ୍ରାମର ପ୍ରଦୀପ କୁମାର ସାହୁଙ୍କ ଠାରୁ ଗୋଟିଏ ମୋଟର ସାଇକଲ ଓ ୩୫ ଲିଟର ବିଦେଶୀ ମଦ, ଦୋକ୍ଷିଆ ଗ୍ରାମର ଡମ୍ବରୁଧର ଦାସଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ଗଙ୍ଗାରମପୁର ଗ୍ରାମର ବିଦ୍ୟାଧର ନାୟକଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଗୋଗୁଆ ଗ୍ରାମର ଅଲେଖ ପ୍ରଧାନଙ୍କ ଠାରୁ ୪୯ ଲିଟର ବିଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡାଙ୍କ ଠାରୁ ୨୬ ଲିଟର ଦେଶୀ ମଦ ଓ ଅଳେଇଲୋ ଗ୍ରାମର ଟୁଟୁଆ ସେଠୀଙ୍କ ଠାରୁ ୩୯ ଲିଟର ଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୭୯ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ୨୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିକାଶ ଧାରାକୁ ଗତିଶୀଳ କରିବା ତଥା ରାଜ୍ୟ ସରକାରଙ୍କ ବିକାଶ ନୀତିକୁ ତୃଣମୂଳ ସ୍ତରରେ ବ୍ୟବସ୍ଥିତ ପରିଚାଳନା ନିମନ୍ତେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ରବି ନାରାୟଣ ନାଏକ ଦିନିକିଆ ସରକାରୀ ଗସ୍ତରେ ଆସି ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିବା ସହ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ବ୍ଲକରେ, ୭ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅନୁମୋଦିତ ନାଏକପଡା-କାପାସିରା-ମୁଣ୍ଡଘାଟ ଭାୟା ପଲାସା ରାସ୍ତା ଉନ୍ନତି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବୀରମହାରାଜପୁର ବ୍ଲକର ଚମ୍ପମାଲ ଗ୍ରାମରେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ଏହି ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୨ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬୩ଟି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବ୍ଲକ ସ୍ତରୀୟ ଆବର୍ଜନା ପୃଥକିକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, ବ୍ଲକ ସଦର ମହକୁମା ଗ୍ରାମ ପଞ୍ଚାୟତ ନିମନ୍ତେ ୧୦ ଲକ୍ଷ ଟଙ୍କା ଓ ଅନ୍ୟ ଗ୍ରାମ ପଞ୍ଚାୟତ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ଆବାସ ଯୋଜନାରେ ଶ୍ରୀ ନାୟକ ଚମ୍ପମାଲ ଗ୍ରାମର ହିତାକାରୀଙ୍କ ଆବାସ ଘର ପରିଦର୍ଶନ ସହ ହିତାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ, ବିନିକା ସଦର ମହକୁମାରେ ୧୬ କୋଟି ୪୪ ଲକ୍ଷ ବ୍ୟୟ ଅଟକଳରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଉଦ୍ୟୋଗ ଓ ପାନୀୟ ଜଳ କ୍ଷେତ୍ରରେ ଆବଶ୍ୟକ ପରିଚାଳନା ଓ କାର୍ଯ୍ୟନ୍ୱୟନ ପାଇଁ ଚୌଧୁରୀ ଉଦ୍ୟୋଗ ଦ୍ୱାରା ବାୟୋ ଡିଗ୍ରେଡ଼ବଲ ପ୍ଲାଷ୍ଟିକ୍ ବ୍ୟାଗ ଉତ୍ପାଦନ କାରଖାନା ପରିଦର୍ଶନ ଓ ଜାମପାଲି ସ୍ଥିତ ପାନୀୟ ଜଳ ବିଶୋଧନାଗାର ପରିଦର୍ଶନ କରିଥିଲେ । ମନ୍ତ୍ରୀଙ୍କ ଗସ୍ତ ଅବସରରେ ଜିଲ୍ଲାର ପଞ୍ଚାୟତି ରାଜ ଓ ଗ୍ରାମ୍ୟ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟନ୍ୱୟନର ସମୀକ୍ଷା କରି ତୃଣମୂଳ ସ୍ତରରେ ମୌଳିକ ସୁବିଧାର ଭିତ୍ତି ଭୂମିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଗସ୍ତର ଏହି ଶୁଭ ଅବସରରେ ମନ୍ତ୍ରୀଙ୍କ ସହ ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ବିଭାଗୀୟ ବରିଷ୍ଠ ଅଧିକାରୀ, ସମ୍ପୃକ୍ତ ବିଡ଼ିଓ, ଯନ୍ତ୍ରୀ, ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ । ମନ୍ତ୍ରୀ ଶ୍ରୀ ନାୟକ ଜିଲ୍ଲାର ବିକାଶ ଧାରାକୁ ଗତିଶୀଳ କରିବା ତଥା ରାଜ୍ୟ ସରକାରଙ୍କ ବିକାଶ ନୀତିକୁ ତୃଣ ମୂଳ ସ୍ତରରେ ବ୍ୟବସ୍ଥିତ ପରିଚାଳନା ସହ ଗୁଣବତ୍ତା ବଜାୟ ପୂର୍ବକ ଯୋଜନାର କାର୍ଯ୍ୟନ୍ୱୟନ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।



# ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ହେଲେ ବୀରେନ୍ଦ୍ର ଲାକ୍ରା



**ନୂଆଦିଲ୍ଲୀ**

ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି।

ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ୍ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା।

# ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା : ୧୮ ଖେଳାଳିଙ୍କୁ ମିଳିଲା ସ୍ଥାନ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆକୁ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜ ଖେଳାଯିବ। ଏହି ସିରିଜ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଚକ୍ରର ଅଂଶ ହେବ। ଏହି ଗସ୍ତ ପାଇଁ ବିସିସିଆଇ ଟିମ୍ ଇଣ୍ଡିଆର ଦଳ ଘୋଷଣା କରିଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଏହା ଭାରତୀୟ ଦଳ ପାଇଁ ଏକ ନୂତନ ଆରମ୍ଭ। ଏହା ସହିତ, ଭାରତୀୟ ଟେଷ୍ଟ ଦଳକୁ ଜଣେ ନୂତନ



ଅଧିନାୟକ ମଧ୍ୟ ମିଳିଛି।

ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଇଂଲଣ୍ଡ ଗସ୍ତ ପାଇଁ ଏକ ଯୁବ ଟିମ୍ ଇଣ୍ଡିଆକୁ ଚୟନ କରିଛି। ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିମନ୍ୟୁ ଈଶ୍ୱରନ ବ୍ୟାଟିଂ ଓପନିଂ ଦାୟିତ୍ୱ ନେଇପାରିବେ। ସାଇ ସୁଦର୍ଶନ ଏବଂ କରୁଣ ନାୟାରଙ୍କୁ ମଧ୍ୟକ୍ରମରେ ସ୍ଥାନ ଦିଆଯାଇଛି। କୋହଲିଙ୍କ ଅନୁପସ୍ଥିତିରେ ଉଭୟ ନମ୍ବର ୪ ଭୂମିକା ଗ୍ରହଣ କରି ପାରିବେ। ରିଷଭ ପନ୍ତଙ୍କୁ ଉପ-ଅଧିନାୟକ କରାଯାଇଛି ଏବଂ ସେ ଉଇକେଟକିପିଂ ସହିତ ମଧ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଧ୍ରୁବ ଜୁରେଲଙ୍କୁ ଦ୍ୱିତୀୟ ଉଇକେଟକିପର ଭାବରେ ମନୋନୀତ କରାଯାଇଛି।

ଇଂଲଣ୍ଡ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ : ଶୁଭମାନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟ ରକ୍ଷକ, ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେ.ଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ୍, କରୁଣ ନାୟାର, ନୀତୀଶ ରେଡ୍ଡୀ, ରବିନ୍ଦ୍ର ଜାଡ଼େଜା, ଧ୍ରୁଭ ଜୁରେଲ (ଉଇକେଟ କିପର), ୱାଶିଂଟନ ସୁନ୍ଦରମ, ଶାର୍ଦ୍ଦୁଳ ଠାକୁର, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

# ରୋହିତଙ୍କ ସ୍ଥାନ ନେଲେ ଗିଲ୍



**ନୂଆଦିଲ୍ଲୀ**

ବିସିସିଆଇ ଟିମ୍ ଇଣ୍ଡିଆର ନୂତନ ଟେଷ୍ଟ ଅଧିନାୟକଙ୍କ ନାମ ଘୋଷଣା କରିଛି। ମେ ୨୪ ତାରିଖରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ବୋର୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଏହି ଘୋଷଣା କରିଥିଲେ। ଯୁବ ତାରକା ଶୁଭମନ ଗିଲ ଏବେ ଟେଷ୍ଟ ଦଳର ଦାୟିତ୍ୱ ନେବେ। ଏହାର ଅର୍ଥ ହେଉଛି ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ, ଗିଲ ଏବେ ତାଙ୍କ ସ୍ଥାନ ନେଇଛନ୍ତି। ଜୁନ ମାସରେ, ଭାରତୀୟ ଦଳ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଗସ୍ତ କରିବାକୁ ଯାଉଛି। ଏହି ସମୟ ମଧ୍ୟରେ ଗିଲ ଭାରତର ନୂତନ ଅଧିନାୟକ ଭାବରେ ଦାୟିତ୍ୱ ନେବେ। ରିଷଭ ପନ୍ତଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି।

ଗିଲଙ୍କୁ ଅଧିନାୟକ ନିଯୁକ୍ତ କରିବା ବିଷୟରେ ଅଗରକର କହିଛନ୍ତି, ଆମେ ଅନେକ ନାମ ଆଲୋଚନା କରିଥିଲୁ ଏବଂ ଦଳର ସଦସ୍ୟଙ୍କଠାରୁ ମତାମତ ମଧ୍ୟ ନେଇଥିଲୁ। ସ୍ପଷ୍ଟ ଭାବରେ ଏହା ଏକ ବହୁତ ଚାପପୂର୍ଣ୍ଣ କାମ, ଆଶା କରୁଛି ଗିଲ ଏହାକୁ ଆଗକୁ ନେବେ।

୨୫ ବର୍ଷ ୨୫୮ ଦିନ ବୟସରେ, ଗିଲ ଭାରତୀୟ ଟେଷ୍ଟ ଦଳର ଅଧିନାୟକତ୍ୱ କରିବାରେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର ୨୩ ବର୍ଷ ୧୬୯ ଦିନ ବୟସରେ ଟେଷ୍ଟ ଅଧିନାୟକ ହୋଇଥିଲେ। କପିଳ ଦେବ ୨୪ ବର୍ଷ ୪୮ ଦିନ ବୟସରେ ଏବଂ ରବି ଶାସ୍ତ୍ରୀ ୨୫ ବର୍ଷ ୨୨୯ ଦିନ ବୟସରେ ଭାରତର ଅଧିନାୟକତ୍ୱ କରିଛନ୍ତି।

ଯଦିଓ ଗିଲଙ୍କ ପାଖରେ ଏହି ଫର୍ମାଟରେ ଅଧିନାୟକତ୍ୱ ଅଭିଜ୍ଞତା ନାହିଁ, ସେ ୨୦୨୪ ମସିହାରେ ଜିମ୍ବାୱେରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଭାରତକୁ ନେତୃତ୍ୱ ଦେଇଥିଲେ। ଗିଲ ଦିନିକିଆ ଏବଂ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌ରେ ଉପ-ଅଧିନାୟକ ମଧ୍ୟ ରହିସାରିଛନ୍ତି। ସେ ଫେବୃୟାରୀ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫିରେ ଉପ-ଅଧିନାୟକ ଥିଲେ। ସେ ଆଇପିଏଲରେ ଗୁଜରାଟ ଟାଇଟାନ୍ସର ଅଧିନାୟକ ମଧ୍ୟ ହୋଇଛନ୍ତି। ତାଙ୍କ ଅଧିନାୟକତ୍ୱରେ, ଗୁଜରାଟ ଦଳ ପ୍ଲେଅଫରେ ପହଞ୍ଚିଛି।

ଗିଲ ଟେଷ୍ଟ କ୍ରିକେଟରେ ୩୨ଟି ମ୍ୟାଚ୍ ଖେଳି ୩୫ ହାରରେ ୧୮୯୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୫ଟି ଶତକ ଏବଂ ୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଗିଲ ସେନା ଦେଶ ଏବଂ ୱେଷ୍ଟଇଣ୍ଡିଜ୍‌ରେ ୧୩ଟି ମ୍ୟାଚ ଖେଳି ୫୫୯ ରନ କରିଛନ୍ତି। ୨୦୨୧ ମସିହାରେ ବ୍ରିସବେନ ଟେଷ୍ଟରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ୯୧ ରନର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ସେବେଠାରୁ ଗିଲ ସେନା ଦେଶଗୁଡ଼ିକରେ କୌଣସି ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି।

# ପୂରା ୨୭ କୋଟି ପାଇବେନି ପନ୍ତ



**ନୂଆଦିଲ୍ଲୀ**

ରିଷଭ ପନ୍ତ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିବାବେଳେ ତାଙ୍କୁ ଆଇପିଏଲ ୨୦୨୫ ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨୭ କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ତାଙ୍କ ମୂଲ୍ୟ ଅନୁଯାୟୀ ପ୍ରଦର୍ଶନ କରିପାରି ନଥିଲେ। ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୩ଟି ମ୍ୟାଚ୍‌ରେ ପନ୍ତ ୧୩ ହାରରେ କେବଳ ୧୫୧ ରନ କରିଛନ୍ତି। ଏହା ଆଇପିଏଲରେ ପନ୍ତଙ୍କ ଏପର୍ଯ୍ୟନ୍ତ ସବୁଠାରୁ ଖରାପ ପ୍ରଦର୍ଶନ। ପୂର୍ବରୁ, ଯେତେବେଳେ ଲକ୍ଷ୍ନୌ ତାଙ୍କୁ କିଣିଥିଲା, ସେ ଆଶା କରିଥିଲେ ଯେ ତାଙ୍କ ଅଧିନାୟକତ୍ୱରେ ଦଳ ପ୍ରଥମ ଟାଇଟଲ ଜିତିବ, କିନ୍ତୁ ଏଥର ଏହା ଲିଗ୍ ପର୍ଯ୍ୟାୟରୁ ହିଁ ବାଦ୍ ପଡ଼ିଗଲା।

ରିଷଭ ପନ୍ତଙ୍କୁ ପୂରା ୨୭ କୋଟି ଟଙ୍କା ମିଳିବ ନାହିଁ। ଆନୁମାନିକ ଟିକସ ଗଣନା ଅନୁସାରେ, ପନ୍ତଙ୍କ ବୃତ୍ତିଗତ ଆୟ (୨୭ କୋଟି) ଉପରେ ୧୧.୪୮ କୋଟି ଟଙ୍କା ଟିକସ ଲାଗୁ ହେବ। ତାଙ୍କ ବୃତ୍ତିଗତ ଆୟ ଉପରେ ୩୦ ପ୍ରତିଶତ ଟିକସ ଲାଗୁ ହେବ, ଯାହା ୮ କୋଟି ୬ ଲକ୍ଷ ଟଙ୍କା ହେବ। ସର୍‌ଚାର୍ଜ ପରେ, ଟିକସ ୧୧.୦୪ କୋଟି ଟଙ୍କା ହେବ। ଯେହେତୁ ତାଙ୍କର ଆୟ ୫ କୋଟି ଟଙ୍କାରୁ ଅଧିକ, ତେଣୁ ୩୭ ପ୍ରତିଶତ ସରଚାର୍ଜ ଲାଗୁ ହେବ। ୪ ପ୍ରତିଶତ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସେସ୍ ଯୋଡ଼ିବା ପରେ, ତାଙ୍କର ମୋଟ ଟିକସ ୧୧.୪୮ କୋଟି ଟଙ୍କା ହେବ। ଏହାର ଅର୍ଥ ହେଉଛି ରିଷଭ ପନ୍ତଙ୍କୁ ୧୫.୫୨ କୋଟି ଟଙ୍କା ମିଳିବ।

ମିଳିଥିବା ସୂଚନା ଅନୁସାରେ ନୂତନ ଟିକସ ବ୍ୟବସ୍ଥା ଅନୁଯାୟୀ, ଭାରତ ସରକାର ଦଳ ସହିତ ପ୍ରତି ସିଜିନରେ ପନ୍ତଙ୍କ ୨୭ କୋଟି ଟଙ୍କାରୁ ୧୦.୫୩ କୋଟି ଟଙ୍କା ଟିକସ (୩୦% ଆୟକର, ୨୫% ସରଚାର୍ଜ ଏବଂ ୪% ସେସ୍) ଦାବି କରିବେ, ଯାହା ପନ୍ତଙ୍କୁ ପ୍ରତି ସିଜିନରେ ଆଇପିଏଲ ଦଳରୁ ୧୬.୪୭ କୋଟି ଟଙ୍କା ନିଟ୍ ଦରମା ଦେବ। ଏହି ରାଶି ଦେବା ସମୟରେ, ଫ୍ରାଞ୍ଚାଇଜ୍ ଟିଡିଏସ୍‌ର ୧୦ ପ୍ରତିଶତ କାଟିବ, ଯାହା ପନ୍ତ ତାଙ୍କ ଆୟକର ରିଟର୍ଣ୍ଣ ଫାଇଲ୍ କରିବା ସମୟରେ ପାଇପାରିବେ।

# ଶେଷ ହେଲା ମହମ୍ମଦ ଶାମିଙ୍କ ଟେଷ୍ଟ କ୍ୟାରିୟର !

**ନୂଆଦିଲ୍ଲୀ**

୨୦୨୫ ମସିହାର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳକୁ ଚୟନ କରାଯାଇଛି। ଯୁବ ଷ୍ଟାର ଓପନର ଶୁବମନ ଗିଲଙ୍କୁ ଭାରତୀୟ ଟେଷ୍ଟ ଦଳର କମାଣ୍ଡ ଦିଆଯାଇଛି। ଯେତେବେଳେ ରିଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦଳ ଘୋଷଣା କରିଛନ୍ତି। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବସର ଘୋଷଣା ପରେ, ଭାରତର ଟେଷ୍ଟ ଦଳ ନୂଆ ମୁହଁ ସହିତ ଉତ୍ସାହ ଏବଂ ଆଗ୍ରହରେ ପରିପୂର୍ଣ୍ଣ। ସୂଚନାଯୋଗ୍ୟ, ଆଘାତ ଏବଂ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଭାରତର ଷ୍ଟାର ବୋଲର ମହମ୍ମଦ ଶାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ। ୩୪ ବର୍ଷୀୟ ଶାମି ଆଘାତ ସହିତ ସଂଘର୍ଷ କରୁଛନ୍ତି। ତେଣୁ ସେ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି।

ସୂଚନା ଅନୁସାରେ, ଶାମି ୨୦୨୩ ବିଶ୍ୱକପରେ ଏକ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ତଥାପି ବିଶ୍ୱକପ ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ସେ ୨୦୨୫ ମସିହାରେ ଟିମ୍ ଇଣ୍ଡିଆକୁ ଫେରିଥିଲେ। ତଥାପି ସେବେଠାରୁ ତାଙ୍କୁ ଫର୍ମରେ ଦେଖିବାକୁ ମିଳିନାହିଁ। ଆଇପିଏଲ ୨୦୨୫ରେ ମଧ୍ୟ ଶାମିଙ୍କୁ କେତେବେଳେ ସନରାଇଜର୍ସ ହାଇଦ୍ରାବାଦର ପ୍ଲେଇଂ ଇଲେଭେନରେ ଦେଖିବାକୁ ମିଳିଥିଲା ତ କେତେବେଳେ ବାହାରେ ବସିଥିଲେ। ଇଂଲଣ୍ଡ ଗସ୍ତ ପାଇଁ ଦଳ ଘୋଷଣା କରିବା ସମୟରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଥିଲେ ଯେ ଶାମି ଟେଷ୍ଟ ଦଳରେ ଖେଳିବା



ପାଇଁ ଯଥେଷ୍ଟ ଫିଟ୍ ନୁହନ୍ତି।

ତଥାପି ଏବେ ପ୍ରଶ୍ନ ଉଠୁଛି ଯେ ଇଂଲଣ୍ଡରେ ଭାରତୀୟ ଦଳର ନେତୃତ୍ୱ କିଏ ନେବ। ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଚୟନ ପୂର୍ବରୁ, ଜସପ୍ରିତ ବୁମରା କହିଥିଲେ ଯେ ସେ କେବଳ ତିନୋଟି ମ୍ୟାଚ ପାଇଁ ଉପଲବ୍ଧ ରହିବେ। ତେବେ କିଏ ତିନୋଟି ମ୍ୟାଚ୍‌ରେ ବୁମ୍‌ରାଙ୍କୁ ସମର୍ଥନ କରିବ ଏବଂ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବ? ଭାରତୀୟ ଦଳରେ ଥିବା ଦ୍ରୁତ ବୋଲର- ଶାର୍ଦ୍ଦୁଳ ଠାକୁର, ଜସପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସାଦ କୃଷ୍ଣ, ଆକାଶ ଦୀପ, ଅର୍ଶଦୀପ ସିଂ।

ବର୍ତ୍ତମାନ, ଜସପ୍ରିତ ବୁମରାଙ୍କ ବ୍ୟତୀତ, ମହମ୍ମଦ ସିରାଜଙ୍କର ବିଦେଶରେ ଖେଳିବାର ଅଭିଜ୍ଞତା ଅଛି। ଜସପ୍ରିତ ବୁମରା ତିନୋଟି ମ୍ୟାଚ୍ ଖେଳିବେ, ତା'ପରେ ମ୍ୟାଚର ଦାୟିତ୍ୱ ସିରାଜ ଏବଂ ଠାକୁରଙ୍କ କାନ୍ଧରେ ପଡ଼ିବ। ଠାକୁର ଇଂଲଣ୍ଡରେ ୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୬ଟି ଇନିଂସରେ ୮ଟି ୱିକେଟ ନେଇଛନ୍ତି। ସେ ୫ଟି ଇନିଂସରେ ୨ଟି ଅର୍ଦ୍ଧଶତକ ସହାୟତାରେ ୧୨୨ ରନ ମଧ୍ୟ କରିଛନ୍ତି। ତେଣୁ ସେ ଜଣେ ଅଲରାଉଣ୍ଡର ଭାବରେ ଦଳରେ ଖେଳିବେ। ବିଦେଶୀ ମାଟିରେ ସିରାଜଙ୍କ ପ୍ରଦର୍ଶନ ଭଲ, କିନ୍ତୁ ତାଙ୍କୁ କିଏ ସମର୍ଥନ କରିବ ତାହା ଭାରତୀୟ ଦଳ ପାଇଁ ଚିନ୍ତାର ବିଷୟ ହେବ। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ, ଭାରତୀୟ ଦଳରେ ଏପରି କୌଣସି ଖେଳାଳି (ଦ୍ରୁତ ବୋଲର) ନାହାନ୍ତି ଯାହାଙ୍କର ବିଦେଶୀ ମାଟିରେ ମ୍ୟାଚ ଖେଳିବାର ଅଭିଜ୍ଞତା ଅଛି।

ସୂଚନାଯୋଗ୍ୟ, ଭାରତୀୟ ଦଳ ଜୁନରେ ଇଂଲଣ୍ଡ ଗସ୍ତରେ ଯାଉଛି। ୨୦ ଜୁନରୁ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ରୋହିତ ଶର୍ମା ଏବଂ ବିରାଟ କୋହଲି ଟେଷ୍ଟରୁ ଅବସର ନେବା ପରେ ଏହା ଭାରତର ପ୍ରଥମ ସିରିଜ ହେବ।

# ରୋହିତ-ବିରାଟଙ୍କ ଅବସରକୁ ନେଇ ମୁହଁ ଖୋଲିଲେ ଗମ୍ଭୀର

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଶେଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ ସନ୍ନ୍ୟାସ ଉପରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଏହା ସେମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏହାର ସମ୍ମାନ କରିବା ଉଚିତ୍। ରୋହିତ-ବିରାଟଙ୍କ ଟେଷ୍ଟରୁ ସନ୍ନ୍ୟାସ ନେବା ଭାରତୀୟ ଦଳରେ ବଡ଼ ବ୍ୟବଧାନ ସୃଷ୍ଟି କରିବ। କିନ୍ତୁ ଯୁବ ଖେଳାଳିଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ଏହା ସୁବର୍ଣ୍ଣ ସୁଯୋଗ ବୋଲି ଗୌତମ ଗମ୍ଭୀର କହିଛନ୍ତି।



ଗମ୍ଭୀର କହିଛନ୍ତି, ମୋ ମତରେ ଆପଣ ଯେବେ ଖେଳ ଆରମ୍ଭ କରନ୍ତି ଏବଂ ଏହାର ଶେଷ କରନ୍ତି ତେବେ ତାହା ବ୍ୟକ୍ତିଗତ ନିଷ୍ପତ୍ତି ହୋଇଥାଏ। କୋଚ୍ ହୁଅନ୍ତୁ କି ଚୟନକର୍ତ୍ତା ଦେଶର ଯିଏ ବି ହେଉ କେହି ଖେଳାଳିଙ୍କୁ କେବେ ସନ୍ନ୍ୟାସ ନେବାର କହିବାର ଅଧିକାର ନାହିଁ। ସନ୍ନ୍ୟାସ ନେବାର ସ୍ୱର ଖେଳାଳିଙ୍କ ମନରୁ ଆସିଥାଏ।

ସୂଚନାଯୋଗ୍ୟ, ରୋହିତ ଶର୍ମା ଓ ବିରାଟ କୋହଲି ଚଳିତ ମାସ ଆରମ୍ଭରେ ଟେଷ୍ଟ ଫର୍ମାଟରୁ ଅବସର ନେଇଛନ୍ତି। ଗମ୍ଭୀର ସ୍ୱୀକାର କରିଛନ୍ତି ଯେ, ଦଳରେ ଦୁଇ ଖେଳାଳିଙ୍କ ଅଭିଜ୍ଞତାର ଅଭାବ ଅନୁଭୂତ ହେବ। କିନ୍ତୁ ସେ ଜୋର ଦେଇ କହିଛନ୍ତି ଯେ, ଯୁବ ଖେଳାଳିଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିଛି। ତେଣୁ ଯାହାକୁ ବି ସୁଯୋଗ ମିଳିବ ତାଙ୍କୁ ଏହାର ଭରପୁର ଫାଇଦା ଉଠାଇବା ଉଚିତ୍।

ଗମ୍ଭୀର ଭାରତର ଚାମ୍ପିଅନ୍ସ ଟ୍ରଫି ଜିତିବାର ଉଦାହରଣ ଦେଇଛନ୍ତି। ଏଥିରେ ବୁମ୍ରା ଭାରତୀୟ ଦଳରେ ନ ଥିଲେ। ତଥାପି ଦଳ ଟ୍ରଫି ଜିତି ପାରିଛି। ବିନା ବରିଷ୍ଠ ଖେଳାଳିରେ ବି ଦଳକୁ ସଫଳ କରାଯାଇ ପାରିବ ବୋଲି ହେଡ୍ କୋଚ୍ କହିଛନ୍ତି। ଇଂଲଣ୍ଡ ଗସ୍ତ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା ହୋଇ ପାରେ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗକର ଗଣମାଧ୍ୟମକୁ ସମ୍ବୋଧିତ କରିବେ।

# ଓଡିଆଇରୁ ଅଧିନାୟକତ୍ୱ ହରାଇ ପାରନ୍ତି ରୋହିତ ଶର୍ମା !

**ମୁମ୍ବାଇ**

ଟି-୨୦ ପରେ ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇଛନ୍ତି ରୋହିତ ଶର୍ମା। ଏବେ ତାଙ୍କ ପାଖରେ କେବଳ ଭାରତର ଦିନିକିଆ ଦଳର କମାଣ୍ଡ ରହିଛି। କିନ୍ତୁ ଏବେ ତାଙ୍କ ହାତରୁ ସେ ଅଧିକାର ଚାଲିଯିବ ବୋଲି ମନେ ହେଉଛି। ଟେଷ୍ଟରେ ନୂତନ ଅଧିନାୟକ ଘୋଷଣା ହୋଇଯାଇଛି। ସୂର୍ଯ୍ୟକୁମାର ଯାଦବ ଟି-୨୦ ଦଳର ନେତୃତ୍ୱ ନେଉଛନ୍ତି।

ରୋହିତ ଟେଷ୍ଟରୁ ଅବସର ନେବା ପରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପାଖରେ ପୂର୍ବ ଅପେକ୍ଷା ଅଧିକ କ୍ଷମତା ରହିବାର ସମ୍ଭାବନା ଅଛି। ଏପରି ପରିସ୍ଥିତିରେ ରୋହିତ ଶର୍ମାଙ୍କୁ ଅଧିନାୟକ ପଦ ଛାଡ଼ିବାକୁ ପଡ଼ିପାରେ। ଆମେ ଏପରି କହିବାର କାରଣ ଗମ୍ଭୀରଙ୍କ ସଦ୍ୟତମ ବୟାନରେ ଅନେକ କିଛି ସଙ୍କେତ ମିଳିଛି।

ଗୌତମ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ ବିଷୟରେ ପଚରା ଯାଇଥିଲା। ସେ କହିଛନ୍ତି 'ଯଦି ଆପଣ ମୋତେ ଜଣେ କୋଚ୍ ଭାବରେ ପଚାରନ୍ତି, ତେବେ ସମସ୍ତ ଫର୍ମାଟ୍ ପାଇଁ କେବଳ ଜଣେ ଅଧିନାୟକଙ୍କ ସହିତ କାମ କରିବା ଭଲ। କିନ୍ତୁ ଏହା ହୁଏ ନାହିଁ। ଆଜିର ସମୟରେ, ଆପଣଙ୍କୁ ବୁଝିବାକୁ ପଡିବ ଯେ କାହାକୁ ୧୨ ମାସ ପାଇଁ ଅଧିନାୟକ କରାଯାଇପାରିବ ନାହିଁ।

ଆପଣ ୧୦ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଓ ୨ ମାସ ପାଇଁ ଆଇପିଏଲ ଖେଳନ୍ତି। ଏପରି ପରିସ୍ଥିତିରେ, ଟିମ୍ ଇଣ୍ଡିଆର ଅଧିନାୟକ ମଧ୍ୟ ଫ୍ରାଞ୍ଚାଇଜିର ନେତୃତ୍ୱ ନେବେ। ଏହା ସେହି ଖେଳାଳିଙ୍କ ମନ ଏବଂ ଖେଳ ଉପରେ ବହୁତ ଖରାପ ପ୍ରଭାବ ପକାଇବ।



ତେଣୁ ଦୁଇଜଣ ଅଧିନାୟକ ରହିବା ଭଲ। ଏହା ଚାପକୁ କମ୍ କରିପାରିବ।

ଏକ ସାକ୍ଷାତକାର ସମୟରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ଜଣେ ଖେଳାଳିଙ୍କୁ ସମସ୍ତ ଫର୍ମାଟ୍ ପାଇଁ ଅଧିନାୟକ କରିବା ଭଲ କି ଆମେ ଭିନ୍ନ ଦଳ ଏବଂ ୩ ଜଣ ଭିନ୍ନ ଅଧିନାୟକ କରିବା ଉଚିତ। ଏହାର ଉତ୍ତରରେ, ସେ ୩ ଜଣଙ୍କ ବଦଳରେ ୨ ଜଣ ଅଧିନାୟକ ପରାମର୍ଶ ଦେଇଥିଲେ । କିନ୍ତୁ ଟେଷ୍ଟ ଦଳର ଅଧିନାୟକତ୍ୱ ଘୋଷଣା ପରେ, ଟିମ୍ ଇଣ୍ଡିଆରେ ବିଭିନ୍ନ ଫର୍ମାଟ୍‌ରେ ୩ ଜଣ ଅଧିନାୟକ ରହିବେ । ଯଦି ଗମ୍ଭୀର ୨ ଜଣ ଅଧିନାୟକଙ୍କୁ ଭଲ ଭାବରେ ବିଚାର କରନ୍ତି ଏହି ଦିଗରେ କାମ କରନ୍ତି, ତେବେ ଏହା ସ୍ପଷ୍ଟ ଯେ ରୋହିତଙ୍କୁ ଅଧିନାୟକତ୍ୱ ଛାଡ଼ିବାକୁ ପଡ଼ିପାରେ।

ପୂର୍ବରୁ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି ଯେ ଗମ୍ଭୀରଙ୍କ ଚାପ ଯୋଗୁଁ ରୋହିତଙ୍କୁ ଟେଷ୍ଟରୁ ଇସ୍ତଫା ଦେବାକୁ ପଡ଼ିଥିଲା। ତଥାପି, ଏହା ହେବ କି ନାହିଁ ତାହା କେବଳ ସମୟ କହିବ । ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ ଏବଂ ଟି-୨୦କୁ ବିଦାୟ ଦେଇଛନ୍ତି। କିନ୍ତୁ ସେମାନେ ଏବେ ବି ଭାରତ ପାଇଁ ଓଡିଆଇରେ ଉପଲବ୍ଧ ରହିବେ। ଗମ୍ଭୀରଙ୍କୁ ୨୦୨୭ ଓଡିଆଇ ବିଶ୍ୱକପ୍ ଖେଳିବାର ସମ୍ଭାବନା ବିଷୟରେ ମଧ୍ୟ ପଚରାଯାଇଥିଲା। ଏହା ଉପରେ ଗମ୍ଭୀର କହିଥିଲେ, ଦେଖ ଏହା ଏବେ ବହୁତ ଦୂରରେ ଅଛି।

ଏହା ପୂର୍ବରୁ ଟି-୨୦ ବିଶ୍ୱକପ୍ ଅଛି, ଯାହା ଏକ ବଡ଼ ଟୁର୍ଣ୍ଣାମେଣ୍ଟ ଓ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଇଂଲଣ୍ଡ ଟେଷ୍ଟ ସିରିଜ୍ ପରେ, ସମ୍ପୂର୍ଣ୍ଣ ଧ୍ୟାନ ଏହା ଉପରେ ରହିବ। ୨୦୨୭ ବିଶ୍ୱକପ୍ ଆହୁରି ଅଢ଼େଇ ବର୍ଷ ଦୂରରେ ଅଛି। ମୁଁ ସବୁବେଳେ ଗୋଟିଏ କଥା କହିଛି - ଯଦି ତୁମେ ପ୍ରଦର୍ଶନ ଜାରି ରଖ, ତେବେ ବୟସ କେବଳ ଏକ ସଂଖ୍ୟା। ଅର୍ଥାତ୍, ଏହା ରୋହିତ-ବିରାଟଙ୍କ ପ୍ରଦର୍ଶନ ଉପରେ ନିର୍ଭର କରେ ଯେ ସେମାନେ ୨୦୨୭ ଦିନିକିଆ ବିଶ୍ୱକପ୍‌ର ଅଂଶ ହେବେ କି ନାହିଁ।

# ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ଶୃଙ୍ଖଳିତ ରଥଯାତ୍ରା ପାଇଁ ଜିଲ୍ଲାପାଳଙ୍କ ନିବେଦନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଦରବାର ହଲ୍‌ଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡ଼ିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି



କହିଥିଲେ। ବିଶେଷ କରି ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଉପସ୍ଥିତ ଥିଲେ। ତତ୍‌ପରେ ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ୧୧ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୨୬ ଜୁନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥ ଆଜ୍ଞାମାଳ ବିଜେ, ୨୭ ଜୁନ ଶ୍ରୀଗୁଣ୍ଡିଚା ଯାତ୍ରା, ୨୮ ଜୁନ ଦିନ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡ଼ି ପହଣ୍ଡିରେ ବିଜେ, ୦୧ ଜୁଲାଇରେ ହେରା ପଞ୍ଚମୀ, ୦୪ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୦୫ ଜୁଲାଇରେ ବାହୁଡ଼ା ଯାତ୍ରା, ୦୬ ଜୁଲାଇରେ ଠାକୁରଙ୍କ ସୁନାବେଶ, ୦୭ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡ଼ି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡ଼ଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀଜୀଉମାନଙ୍କର ସୁନାବେଶ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍‌ବ୍ୟତୀତ ରଥଯାତ୍ରା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପାରିପାର୍ଶ୍ୱର ଉନ୍ନତିକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।

# ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ : ଟ୍ୟୁସନ ସାରଙ୍କୁ ୨୦ ବର୍ଷ ଜେଲ୍

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଟ୍ୟୁସନରେ ପଡିଲେ ପିଲା ଆହୁରି ଭଲ ପାଠ ପଢିବ ଏବଂ ଭଲ ନମ୍ବର ରଖିବ। ଏହି ଆଶା ନେଇ ଛାତ୍ର-ଛାତ୍ରୀ ଟ୍ୟୁସନ ଯାଇଥାନ୍ତି। ହେଲେ କିଏ ଜାଣିଥିଲା ଏମିତି ଜଣେ ଟ୍ୟୁସନ ସାର ରାକ୍ଷସ ପାଲଟିବ ଏବଂ ଛାତ୍ରୀଙ୍କୁ ଦୁଷ୍କର୍ମ କରିବ। ଏମିତି ଏକ ଘଟଣା ଘଟିଛି ଝାରସୁଗୁଡ଼ା ଜିଲ୍ଲାରେ। ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ଟ୍ୟୁସନ ସାର ଦୋଷୀ ସାବ୍ୟସ୍ତ ହୋଇଛି। ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଦୌରା ଜଜ କମ ପୋକ୍ସୋ ସ୍ୱତନ୍ତ୍ର କୋର୍ଟ। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ।

**DIRECTORATE OF GROUND WATER DEVELOPMENT : ODISHA** A-221
Office of The Deputy Director, GWD Division-II, Bhubaneswar
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]
**INVITATION FOR BIDS (IFB)**
e-Procurement Notice: 359 Date: 23.05.2025
Bid Identification No. 02/GWRSD/ARUA/2025-26,
(Single-Envelope Bidding Process)

Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class **"D"&"C"** (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **04/06/2025 at 11.00 Hrs** 1ST (system server time). Proposals will be opened online on **04/06/2025; at 12.00hours**. In the event of the date specified for proposal opening being declared as a closed holiday for the purchaser's office, the due date for, opening of bid will be the following working day at the appointed time. Details of the Tender will be available in the procurement portal *"www.tendersodisha.gov.in"*.

| Sl.No. | Description | Details |
|---|---|---|
| 1. | Name Of the Work | Construction of 07 nos. recharge shafts in Tanks/ Ponds in Kakatpur Block area of Puri district. |
| 2. | Start Date of availability of Bid document online (bid download) | 26/05/2025 from 11.00 Hrs |
| 3. | Last Date of availability of bid document online (bid download) | 04/06/2025 up to 11.00 Hrs |
| 4. | Last date and time for receipt of bid document (Bid Submission End date & Time) | 04/06/2025 up to 11.00 Hrs |
| 5. | Date & Time of opening of bid document (bid Opening date) | 04/06/2025 at 12.00 Hrs |

Sd/- Deputy Director, Geology
GWD Division-II, Bhubaneswar
OIPR-32462/11/0012/2526





# 'ଗଳ୍ପ ଓଡ଼ିଆ ଜୀବନ ଓ ଚଳଣିକୁ ପ୍ରଭାବିତ କରିବାରେ ବିଶେଷ ସହାୟକ ହୋଇପାରିଛି'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ବା ଗଳ୍ପର ଇତିହାସ ଆଜିର ନୁହେଁ। ଏହା ପିଢ଼ି ପରେ ପିଢ଼ି ଯାହାକୁ ରଚନା କରିବାରେ ଅନେକ ଯୁବ ଗାଳ୍ପିକ ଓ ଗାଳ୍ପିକା ବହୁ ପରିଶ୍ରମ କରୁଛନ୍ତି। ଇଂରାଜୀ ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ପ୍ରଭାବ ଫଳରେ ପୂର୍ବ ପ୍ରଚଳିତ ବହୁ ଲୋକକାହାଣୀକୁ ନିଜର ଲେଖନୀ ମାଧ୍ୟମରେ ଜନମାନସକୁ ଯେଉଁ ଯୁବ ଗାଳ୍ପିକ ତଥା ଗାଳ୍ପିକାମାନେ ନିଜର ଲେଖକୀୟ ପରିଭାଷା ଦେଖାଇପାରିଅଛନ୍ତି ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୪ ମଇ ୨୦୨୫ ଶନିବାର ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ ଆୟୋଜିତ ଯୁବ ଗାଳ୍ପିକ ସମାବେଶରେ ଆମନ୍ତ୍ରିତ ଅତିଥି ଓ ଯୁବ ଗାଳ୍ପିକ/ଗାଳ୍ପିକାମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା। ଗଳ୍ପ ହେଉଛି ଗତାନୁଗତିକ ଋଜୁମାର୍ଗର ପଥିକ। ଅନ୍ତର୍ନିହିତ ବାସ୍ତବତା ଅପେକ୍ଷା ବହିର୍ବାସ୍ତବତା, ନୈତିକତା ଓ ଆଦର୍ଶବାଦ ଇତ୍ୟାଦିରେ ରଚିତ ଗଳ୍ପଗୁଡ଼ିକରେ ବହୁ ପ୍ରାଧାନ୍ୟ ରହିଅଛି। ଅନେକାଂଶରେ ଗଳ୍ପ ବର୍ଣ୍ଣନାତ୍ମକ ଓ କାହାଣୀ ଆଧାରିତ। ବୃହତ୍ତର ଜୀବନର ବିଭିନ୍ନ ଚିତ୍ରକୁ ବିଭିନ୍ନ କଥାକାରମାନେ ଗଳ୍ପ ମାଧ୍ୟମରେ ବହୁ ଦୃଷ୍ଟାନ୍ତମାନ ଦର୍ଶାଇଥାନ୍ତି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ମିହିର କୁମାର ସାହୁ, ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ



ସଦସ୍ୟ ଡକ୍ଟର ଅରବିନ୍ଦ ରାୟ, ସୁସାହିତ୍ୟିକା ଡକ୍ଟର ହିରଣ୍ମୟୀ ମିଶ୍ରଙ୍କ ସହ ନାଟ୍ୟକାର ଶରତ ଆଚାର୍ଯ୍ୟ ଆଦି ଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗଦାନ କରିଥିବା ବହୁ ଗାଳ୍ପିକ ଓ ଗାଳ୍ପିକାଙ୍କୁ ନିଜର ଅଭିନନ୍ଦନ ଜ୍ଞାପନ କରିବା ସହ ଗଳ୍ପର ଜୀବନାଦର୍ଶ ଓ ରଚନାଶୈଳୀ ଯାହାକି ଓଡ଼ିଆ ଜୀବନ ଓ ଚଳଣିକୁ କିପରି ପ୍ରଭାବିତ କରିପାରିଅଛି, ଜୀବନର ବିଭିନ୍ନ ଚିତ୍ରକୁ କିପରି କଥାକାରମାନେ ଗଳ୍ପ ମାଧ୍ୟମରେ ବହୁ ଦୃଷ୍ଟାନ୍ତମାନ ଦର୍ଶାଇଥାନ୍ତି, ଜୀବନର ପ୍ରତ୍ୟେକ ସମସ୍ୟା ଏବଂ ଅନେକ ଘଟଣାବଳୀକୁ କିପରି ଗଳ୍ପ ଦ୍ୱାରା ଏହାର ଭାଷା ଓ ଶୈଳୀକୁ ଗାଳ୍ପିକ କିପରି ଲେଖକୀୟ ଆବୃତ୍ତି କରିଅଛନ୍ତି ଏହା ଉପରେ ଆମନ୍ତ୍ରିତ ଗାଳ୍ପିକ ଓ ଗାଳ୍ପିକାଙ୍କ ଦ୍ୱାରା ବିଶଦ ଭାବେ ଆଲୋଚନା କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ପାରମ୍ପରିକ ଭାବରେ ଏହି ଯୁବ ଗାଳ୍ପିକ ସମାବେଶରେ ଆମନ୍ତ୍ରିତ ଅତିଥି, ଯୁବ ଗାଳ୍ପିକ ଓ ଗାଳ୍ପିକାଙ୍କ ସଦୟ ଯୋଗଦାନକୁ ଭୂୟସୀ ପ୍ରଶଂସା କରିବା ସହ ଗଳ୍ପର ସଂଜ୍ଞାକୁ କିପରି କଥାକାରମାନେ ପ୍ରାଧାନ୍ୟ ଦେଇପାରିଅଛନ୍ତି ଏ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ସମାବେଶରେ ଶତାଧିକ ଯୁବ ଗାଳ୍ପିକ/ଗାଳ୍ପିକାମାନେ ଆଲୋଚ୍ୟ ବିଷୟବସ୍ତୁ ଯଥା- 'ଆମ ଗଳ୍ପର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ', 'ଆଜିର ଗଳ୍ପରେ ଗାଳ୍ପିକର କାନ୍‌ଭାସ୍', 'ଓଡ଼ିଆ ଗଳ୍ପରେ ଅସ୍ମିତାର ଚିତ୍ର ଓ ଚରିତ୍ର', 'ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଧାରାରେ ମୋ ଗଳ୍ପ' ଓ 'ସମକାଳୀନ ଓଡ଼ିଆ ଗଳ୍ପରେ ଓଡ଼ିଆପଣ' ଶୀର୍ଷକ ବିଷୟବସ୍ତୁ ଆଧାରରେ ନିଜ ନିଜର ମନ୍ତବ୍ୟ ଉପସ୍ଥାପନ କରିଥିଲେ। ଏକାଡେମୀର ସହ-ସଚିବ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଗଳ୍ପ ସ ମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଜ୍ଞାନୀଗୁଣୀ, ସଜ୍ଜନମଣ୍ଡଳୀ, ଯୁବ ଗାଳ୍ପିକ/ଗାଳ୍ପିକା, ସାମ୍ବାଦିକ ବନ୍ଧୁ ଆଦି ଯୋଗଦାନ କରି ଯୁବ ଗାଳ୍ପିକ ସମାବେଶକୁ ସଫଳତା ପାଇବା ଦିଗରେ ଏହାକୁ ଅତ୍ୟନ୍ତ ପ୍ରଶଂସା କରିବା ସହ ଏଥିରେ ସଂପୂର୍ଣ୍ଣ ଭାବେ ସହଯୋଗ ପ୍ରଦାନ କରିଥିଲେ।

## ବ୍ୟକ୍ତି, ସମାଜ ଏବଂ ଜାତିକୁ ପରିବର୍ତ୍ତନ କରିବାରେ ଶିକ୍ଷା ହେଉଛି ଶକ୍ତି

# ନୂତନ ଶିକ୍ଷାନୀତି-୨୦୨୦ ବିଶ୍ୱର ପରିବର୍ତ୍ତିତ ଆବଶ୍ୟକତା ପୂରଣ ଦିଗରେ ମାଇଲଖୁଣ୍ଟ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବ୍ୟକ୍ତିର ବିକାଶ ସହିତ ସମାଜ ଓ ରାଷ୍ଟ୍ରର ବିକାଶ ସମନ୍ୱିତ ହୋଇ ଗତି କରେ। ବ୍ୟକ୍ତି, ସମାଜ ଏବଂ ସାମଗ୍ରିକ ଭାବରେ ଜାତିକୁ ପରିବର୍ତ୍ତନ କରିବାରେ ଶିକ୍ଷା ହେଉଛି ଶକ୍ତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ମଇ ୨୪ ତାରିଖ ଦିନ ଭୁବନେଶ୍ୱରଠାରେ 'ଓ-ଟିଭି ଶିକ୍ଷା କନ୍‌କ୍ଲେଭ - ୨୦୨୫'କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିଶ୍ୱ ବର୍ତ୍ତମାନ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଏପରି ପରିବର୍ତ୍ତିତ ପରିସ୍ଥିତିରେ ବିଗ୍ ଡାଟା, ମେସିନ ଲର୍ଣ୍ଣିଂ, କୃତ୍ରିମ ବୁଦ୍ଧିମତା, ରୋବଟିକ୍ ବିଜ୍ଞାନ ଇତ୍ୟାଦିର ଆବିର୍ଭାବ ସହିତ ବିଶ୍ୱର ବୁଝମଣାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ପାଇଁ ବିଶେଷଜ୍ଞତା ଆବଶ୍ୟକ। ଦ୍ରୁତ




ପରିବର୍ତ୍ତନଶୀଳ ନିଯୁକ୍ତି ଏବଂ ଗ୍ଲୋବାଲ ଇକୋସିଷ୍ଟମ୍ ପାଇଁ ଯୁବ ପୀଢ଼ି ସୃଜନଶୀଳ, ବହୁବିଧ ଅନୁକୂଳଶୀଳ ଏବଂ ଉଦ୍ଭାବନଶୀଳ ହେବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ନୂତନ ଶିକ୍ଷାନୀତି - ୨୦୨୦ ବିଶ୍ୱର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ଦିଗରେ ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି। ଏହା ଯୁବପୀଢ଼ିଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା ଲକ୍ଷରେ ପାରଂପରିକ ଶିକ୍ଷା ସହିତ ଦକ୍ଷତାର ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିବା ସହିତ କନ୍‌କ୍ଲେଭରେ ଉପସ୍ଥିତ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ବୃତ୍ତିଧାରୀମାନେ ପାଠ୍ୟକ୍ରମରେ ଦକ୍ଷତା ବିକାଶ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ଏବଂ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ ମଧ୍ୟରେ ଅଧିକ ସହଯୋଗ ଓ ସମନ୍ୱୟ ମଡେଲ ପ୍ରସ୍ତୁତ ଉପରେ କାର୍ଯ୍ୟକାରିବାକୁ ଆହ୍ୱାନ ଜଣାଇଥିଲେ। କନ୍‌କ୍ଲେଭର ଆଲୋଚନା ଓ ନିଷ୍କର୍ଷ ୨୦୩୬ ସୁଦ୍ଧା ଏକ ବିକଶିତ ଓଡିଶା ପାଇଁ ମୂଲ୍ୟବାନ ଅର୍ନ୍ତଦୃଷ୍ଟି ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ନୂତନ ଶିକ୍ଷାନୀତି-୨୦୨୦ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ସୃଷ୍ଟି କରିବା ପାଇଁ ସୀମିତ ନୁହେଁ, ବରଂ ଏହା ଯୁବବର୍ଗଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଗଣିତ ହେବାର ଲକ୍ଷ ରଖିଥିବା ବେଳେ ଉଦ୍ୟୋଗୀ ହେବାକୁ ଆକାଂକ୍ଷା ରଖୁଥିବା ଯୁବବର୍ଗର ଭୂମିକା ଏହାକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡାଙ୍କ ନେତୃତ୍ୱରେ ଓ-ଟିଭି ଶିକ୍ଷା କନ୍‌କ୍ଲେଭ ଆୟୋଜନ କରିବାର ନିରନ୍ତର ପ୍ରୟାସ ପାଇଁ ଓଡ଼ିଶା ଟେଲିଭିଜନ ଗ୍ରୁପ୍‌କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଏ ପ୍ରକାର ଆୟୋଜନ ଏହାର ସାମାଜିକ ପ୍ରତିବଦ୍ଧତାର ପ୍ରମାଣ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ ଓଡିଶା ଟେଲିଭିଜନ ନେଟ୍‌ୱାର୍କ ଲିଃର ଏମ୍‌.ଡି ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପ୍ରାକ ମୌସମୀ ବର୍ଷା ପ୍ରଭାବରୁ ଅମଳ ଧାନର ସୁରକ୍ଷା ପାଇଁ ମଣ୍ଡି ଗୁଡିକରେ ପଲିଥିନ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବଶିଘ୍ର ପ୍ରାକ ମୌସମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ଶ୍ରୀ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକୀୟ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ଆଗୁଆ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି। ଏଥି ନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଛିତ ଥିବା ଧାନଗୁଡ଼ିକୁ ଘୋଡେଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥି ସହ ଅଗ୍ରାଧିକାର ଭିତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଧାନ ରଖା ଯାଇଥିବା ସ୍ଥାନର ଚାରି ପାଖରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡି ମାଧ୍ୟମରେ ଧାନ ପରିବହନ କରିବାକୁ ମଧ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇଛି। ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏତଦବ୍ୟତୀତ ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଓ଼ଆରଏସ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ଶ୍ରୀ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷଣ ନଜର ରଖାଯିବା ସହ ମଣ୍ଡିରୁ ମିଲକୁ ଯାଉଥିବା ଧାନ ଗୁଡିକ ଉପରେ ମଧ୍ୟ ସ୍ୱତନ୍ତ୍ର ଧାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ବଣ୍ଟନ ସାଧାରଣ ପରିଚାଳକ ଶ୍ରୀ ସୁଧାକର ଶବର, ଧାନ ସଂଗ୍ରହ ସାଧାରଣ ପରିଚାଳକ ଶ୍ରୀମତୀ ଏଲୋରା ସାମଲ, ପ୍ରଶାସନିକ ସାଧାରଣ ପରିଚାଳକ ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ଗସ୍ତ

## ବିଶ୍ୱକୁ ଜଣାଇବେ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଓ ଅପରେସନ ସିନ୍ଦୁରର ସଫଳତା ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ପାଇଁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ବାହାରିନରେ ପହଂଚିଛନ୍ତି। ଆଜି ପୂର୍ବାହ୍ନରେ ବାହାରିନରେ ପହଂଚିବା ପରେ ରାଷ୍ଟ୍ରଦୂତ ବିନୋଦ କେ ଯାକୋବ ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିଥିଲେ। ପରେ ବାହାରିନର ଶୀର୍ଷ ନେତୃତ୍ୱଙ୍କ ସହ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଓ ଅପରେସନ ସିନ୍ଦୂରର ସଫଳତା ବିଷୟରେ ଅବଗତ କରାଇଛନ୍ତି। ପାକିସ୍ତାନ ଜମ୍ମୁ କାଶ୍ମୀରରେ ଶାନ୍ତି ଓ ବିକାଶରେ ବାଧା ଉତ୍ପନ୍ନ ପାଇଁ ପହଲଗାମ ଆକ୍ରମଣର ଷଡ଼ଯନ୍ତ୍ର ପ୍ରସ୍ତୁତ କରିଥିଲା। ଭାରତ ଏହାର ଉଚିତ ଜବାବ ଅପରେସନ ସିନ୍ଦୂର ମାଧ୍ୟମରେ ଦେଇଛି। ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି ବୋଲି ବାହାରିନର ଶୀର୍ଷ ନେତୃତ୍ୱଙ୍କୁ ଅବଗତ କରାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ବାହାରିନ ପରେ ସାଉଦି ଆରବ, କୁଏତ୍ ଓ ଆଲଜେରିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ପଣ୍ଡାଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୁଲାମ ନବୀ ଆଜାଦ, ସାଂସଦ ଅସଦୁଦ୍ଦିନ ଓୱେସୀ, ସତନାମ ସାନ୍ଧୁ, ନିଶିକାନ୍ତ ଦୁବେ, ରେଖା ଶର୍ମା, ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ପ୍ରମୁଖ ସାମିଲ ଅଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦୪୭ ସୁଦ୍ଧା...

ଯୋଗାଇ ଅତି କମରେ ଗୋଟିଏ ପର୍ଯ୍ୟଟନ ସ୍ଥଳ ବିକଶିତ କରିବା ଉଚିତ। ଗୋଟିଏ ରାଜ୍ୟ: ଗୋଟିଏ ବିଶ୍ୱ ଗନ୍ତବ୍ୟସ୍ଥଳ। ଏହା ପଡ଼ୋଶୀ ସହରଗୁଡ଼ିକୁ ପର୍ଯ୍ୟଟନ ସ୍ଥଳ ଭାବରେ ବିକଶିତ କରିବ। ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନସିଲ ବୈଠକର ବିଷୟବସ୍ତୁ ଥିଲା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ-୨୦୪୭। କେନ୍ଦ୍ର ଏବଂ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ବିକଶିତ ଭାରତ୨୦୪୭ର ଦୃଷ୍ଟିକୋଣକୁ ଆଗକୁ ନେବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ବିଚାର ବିମର୍ଶ କରିବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାରେ ରାଜ୍ୟଗୁଡ଼ିକ କିପରି ନିର୍ମାଣ ବ୍ଲକ ହୋଇପାରିବ ସେ ବିଷୟରେ ସହମତି ସୃଷ୍ଟି କରିବା ପାଇଁ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିଥିଲା। ବୈଠକରେ ଉଦ୍ୟୋଗକୁ ପ୍ରୋତ୍ସାହନ, ଦକ୍ଷତା ବୃଦ୍ଧି ଏବଂ ଦେଶବ୍ୟାପୀ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

### ଆଗାମୀ ୨୫...

ପ୍ରକଳ୍ପଗୁଡିକ ବି ଅନୁମୋଦନ ପାଇଁ ପ୍ରକ୍ରିୟାରେ ଅଛି। ସେ କହିଛନ୍ତି ଯେ ରାଜ୍ୟ ସରକାର କେନ୍ଦ୍ର ସରକାର ସହ ନିକଟ ସମନ୍ୱୟରେ ପ୍ରଧାନମନ୍ତ୍ରୀ ଉଷା ଯୋଜନା, ପିଏମ୍ ଶ୍ରୀ ଯୋଜନା, ମାତୃତ୍ୱ ଲାଭ ଯୋଜନା, ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଆୟୁଷ୍ମାନ୍ ଭାରତ ଯୋଜନାକୁ ସକ୍ରିୟ ଭାବେ କାର୍ଯ୍ୟାନ୍ୱିତ କରୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ତାଙ୍କ ସରକାର ଆସନ୍ତା ମାସ ଜୁନ୍‌ରେ ତାଙ୍କର ଶାସନର ଗୋଟିଏ ବର୍ଷ ପୂରଣ କରିବାକୁ ଯାଉଛି ଏବଂ ଏହି ଗୋଟିଏ ବର୍ଷର ମଧ୍ୟରେ 'ସମୃଦ୍ଧ ଓଡ଼ିଶା ୨୦୩୬' ର ମୁଳଦୁଆ ପକାଯାଇଛି। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ସବକା ସାଥ, ସବକା ବିକାଶ' ମନ୍ତ୍ର ଉପରେ ଆଧାରିତ ଗୋଟିଏ ସମୃଦ୍ଧ ଓ ଶକ୍ତିଶାଳୀ ଓଡ଼ିଶାର ଦୃଷ୍ଟିକୋଣ। ସେ କହିଛନ୍ତି ଯେ ୨୦୩୬ ବର୍ଷ ହେଉଛି ଓଡ଼ିଶା ଗଠନର ୧୦୦ ବର୍ଷ ଏବଂ ୨୦୪୭ ହେଉଛି ଭାରତର ସ୍ୱାଧୀନତାର ଶତାବ୍ଦୀ ବର୍ଷ। "ଆମର ଭିଜନ୍ ୨୦୩୬ ଓ ୨୦୪୭ ଡକ୍ୟୁମେଣ୍ଟଗୁଡିକ ଏହି ଦୃଢ଼ ସଂକଳ୍ପର ପ୍ରତୀକ – ଯେ ଆମେ ଗୋଟିଏ ସମୃଦ୍ଧ, ବିକାଶଶୀଳ ଓ ଗର୍ବିତ ଓଡ଼ିଶା – ଗୋଟିଏ 'ବିକଶିତ ଓଡ଼ିଶା' ଗଠନ କରିବାକୁ ଚାହୁଁଛୁ, ଯାହା 'ବିକଶିତ ଭାରତ' ମଧ୍ୟରେ ଗର୍ବର ସହିତ ଚମକୁ। ଓଡ଼ିଶାର ଲୋକମାନେ ଏହି ଆଶା ରଖନ୍ତି ଯେ ରାଜ୍ୟର ଅର୍ଥନୀତି ୨୦୩୬ ରେ ୫୦୦ ବିଲିଅନ୍ ଡଲାର୍ ଓ ୨୦୪୭ ରେ ୧.୫ ଟ୍ରିଲିଅନ୍ ଡଲାର୍ ପର୍ଯ୍ୟନ୍ତ ପହଞ୍ଚିବ।

### ଦେଶରେ ବୃଦ୍ଧି ...

ଆନ୍ଧ୍ରପ୍ରଦେଶରେ ୪ ଜଣ ଚିହ୍ନଟ ହୋଇଛନ୍ତି। ଦେଶରେ ଲଗାତାର କରୋନା ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି। ଆସନ୍ତା ୨୮ ତାରିଖରେ କୋଭିଡ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ବସିବ। ଏହି ବୈଠକରେ ସମସ୍ତ ରାଜ୍ୟ ସହ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଲୋଚନା କରିବେ। କୋଭିଡ୍, ନିପା, ଇନ୍‌ଫ୍ଲୁଏଞ୍ଜା ପରି ଭୂତାଣୁ ନେଇ ସମୀକ୍ଷା ହେବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ କରୋନାର ଏହି ଭାରିଆଣ୍ଟ ଓମିକ୍ରୋନର ସବ ଭାରିଆଣ୍ଟ। ଏହା ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରୁଛି। ବିଶେଷ କରି ବୟସ୍କ, ଶିଶୁମାନେ, ପୂର୍ବରୁ ଅନେକ ରୋଗରେ ପୀଡିତ ଥିବା ରୋଗୀ ଅଧିକ ଯତ୍ନବାନ ରୁହନ୍ତୁ। ଦେଶରେ ୨୦୨୩ରେ ମଧ୍ୟ ଏହି ଭାରିଆଣ୍ଟର ମାମଲା ଦେଖାଯାଇଥିଲା। ୟୁପି, ଦିଲ୍ଲୀ, ଓଡିଶା, ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ସହ ଅନ୍ୟ ରାଜ୍ୟରେ କରୋନା ପାଇଁ ଗାଇଡ୍‌ଲାଇନ ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଲୋକଙ୍କୁ ଅପିଲ କରିଛି ଯେ, ନିଜକୁ ଭୂତାଣୁ ଠାରୁ ସର୍ବଦା ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହି ନିୟମର ପାଳନ କରନ୍ତୁ। ମାସ୍କ ପିନ୍ଧନ୍ତୁ। ହାତକୁ ସଫା ରଖନ୍ତୁ। ସାନିଟାଇଜର ବ୍ୟବହାର କରନ୍ତୁ। ଭିଡ ସ୍ଥାନରୁ ଦୂରେଇ ରୁହନ୍ତୁ।

### ମୃତ ଫରେଷ୍ଟ...

ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଗତକାଲି ରାତିରେ କିଛି ଶିକାରୀ ଜନ୍ତୁ ଶିକାର କରୁଥିବା ଖବର ପାଇ ଫରେଷ୍ଟର ଶ୍ରୀ ପ୍ରଧାନ ହିନ୍ଦୋଳ କଇ ଜଙ୍ଗଲ ନିକଟସ୍ଥ ସରାସିଂହ ଗ୍ରାମ ନିକଟକୁ ଯାଇଥିଲେ। ଫରେଷ୍ଟର ୧୩ଜଣ କର୍ମଚାରୀଙ୍କ ସହଯୋଗରେ ଘଟଣା ସ୍ଥଳରେ ଚଢଉ କରିଥିଲେ। ସେତେବେଳେ ୪ ଜଣ ଶିକାରୀ ଏକ ମସୁରୀ ଟାଙ୍ଗୀ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିବା ମାଂସକୁ ନିଜ ଭିତରେ ବଣ୍ଟନ କରୁଥିଲେ। ବନ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ହଠାତ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଶିକାରୀ ଗୁଳିରେ ଫରେଷ୍ଟଙ୍କର ପେଟରେ ଗୁଳି ବିଦ୍ଧ ହେବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତି ଗୁରୁତର ହେବାରୁ ଅନୁଗୋଳ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରୁ ତିନିଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇ ଯାଇଥିଲେ। ୩ ଅଭିଯୁକ୍ତ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। ଖବର ପାଇ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଘଟଣା ବିଷୟରେ ତଦନ୍ତ ଆରମ୍ଭ କରୁଛନ୍ତି।

### ବେଆଇନ ଖଣି ...

ଅଭିଯୋଗ ମିଳିବା ପରେ ରାଜ୍ୟ ସରକାରଙ୍କ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ବେଆଇନ ଖଣି ଖନନ କରି କୋଇଲା ଚୋରି କରୁଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାପରେ ପ୍ରଶାସନ, ପୋଲିସ, ଖଣି ବିଭାଗ, ବନ ବିଭାଗର ମିଳିତ ଟିମ ହେମଗିରି ଅଞ୍ଚଳରେ ଥିବା କୋଲ ବାସରୀରେ ଚଢଉ ହୋଇଥିଲା। ତେଲେନାଡିହି, ରତନସରା, ଭୋଗରାକଚ୍ଛାର ସହ ୧୦ ରୁ ଅଧିକ ଜଙ୍ଗଲରେ ଗଛିତ ଥିବା ଚୋରି କୋଇଲା ସିଜ କରିଛି ଖଣି ବିଭାଗ। ହେମଗିରିର ତତ୍କାଳୀନ ତହସିଲଦାର ଲବେଣେନ୍ଦୁ ମହାନ୍ତିଙ୍କୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ ବି ଜାରି କରିଥିଲେ, ଯାହାର ଉତ୍ତର ରଖିଥିଲେ ତହସିଲଦାର। ଏହା ପୂର୍ବରୁ ତେଲେନଡିହି ଜଙ୍ଗଲରେ ବେଆଇନ କୋଇଲା ଖଣି ଠାବ ସହ କୋଇଲା ଜବତ କରିଥିଲା ଖଣି ବିଭାଗ। ଏହାପରେ ଚାଲିଥିଲା ଜୋରଦାର ତନାଘନା। ସେପଟେ ଏହି ମାମଲାରେ କାହାରିକୁ ଛଡା ଯିବ ନାହିଁ ବୋଲି ଏସଡିପିଓ ଏବଂ ଖଣି ବିଭାଗର ଡେପୁଟି ଡାଇରେକ୍ଟର କହିଥିଲେ। ଏହି ବେଆଇନ ଖଣି ଖନନର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଉପବାଚସ୍ପତି ଭବାନୀଶଙ୍କର ଭୋଇ। ଏବେ ସୁଦ୍ଧା ୨୫୦ରୁ ଅଧିକ ଟନର କୋଇଲା ଜବତ କରିସାରିଲାଣି ପ୍ରଶାସନ। ତେବେ ମାଫିଆଙ୍କୁ ଧରିବାକୁ ପ୍ରଶାସନର ହାତ କେବେ ପହଞ୍ଚୁଛି ତାକୁ ଅପେକ୍ଷା କରିଛନ୍ତି ସମସ୍ତେ।

### ମାତୃତ୍ୱ ଛୁଟିକୁ ...

ଏକ ବଡ଼ ଅଂଶ ହେଉଛନ୍ତି ମହିଳା। ସେମାନଙ୍କୁ ସମ୍ମାନ ଏବଂ ମର୍ଯ୍ୟାଦାର ସହିତ ବ୍ୟବହାର କରାଯିବା ଜରୁରୀ। ମହିଳା ନିଜର ଶକ୍ତିକୁ ଫେରିପାଇବା, ନିଜ ସନ୍ତାନର ଲାଳନପାଳନ କରିବା ଏବଂ କାର୍ଯ୍ୟ ଦକ୍ଷତା ବଜାୟ ରଖିବା ଦିଗରେ ମାତୃତ୍ୱ ଛୁଟି ସାହାଯ୍ୟ କରିଥାଏ। ମହିଳାଙ୍କର ଉଭୟ ଶାରିରୀକ ଏବଂ ମାନସିକ ସ୍ଥିତିକୁ ଗର୍ଭଧାରଣ ପ୍ରଭାବିତ କରିଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ଖଣ୍ଡପୀଠ କହିଛନ୍ତି।

### କେରଳ ଛୁଇଁଲା...

ସାଧାରଣତଃ ମୌସୁମୀ ଜୁନ ୧ ତାରିଖରେ କେରଳରେ ପହଞ୍ଚିଥାଏ। ମୌସୁମୀ ପ୍ରଥମ ଥର ପାଇଁ ୧୯୧୮ ମଇ ୧୧ ତାରିଖରେ କେରଳରେ ପହଞ୍ଚିଥିଲା। ମୌସୁମୀ ବିଳମ୍ବରେ ଆସିବାର ରେକର୍ଡ ୧୯୭୨ ମସିହାରେ ଥିଲା, ଯେତେବେଳେ ମୌସୁମୀ ବର୍ଷା ଜୁନ ୧୮ ତାରିଖରେ ହୋଇଥିଲା। ଗତ ୨୫ ବର୍ଷ ମଧ୍ୟରେ ସବୁଠାରୁ ବିଳମ୍ବରେ ମୌସୁମୀ ଆସିବା ୨୦୧୬ ମସିହାରେ ହୋଇଥିଲା, ଯେତେବେଳେ ମୌସୁମୀ ଜୁନ ୯ ତାରିଖରେ କେରଳରେ ପ୍ରବେଶ କରିଥିଲା। ଦକ୍ଷିଣ ରାଜ୍ୟଗୁଡ଼ିକରେ, ଭାରତୀୟ ପାଣିପାଗ ବିଭାଗ ଶନିବାର କେରଳ, ଉପକୂଳ-ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, କୋଙ୍କଣ ଏବଂ ଗୋଆର ପୃଥକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ କହିଛି ଯେ ୨୯ ମଇ ପର୍ଯ୍ୟନ୍ତ କେରଳ ଏବଂ ଉପକୂଳ କର୍ଣ୍ଣାଟକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଏହି ସମୟ ମଧ୍ୟରେ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ବେଗରେ ପ୍ରବଳ ପବନ ବହିବ। ଆଗାମୀ ପାଞ୍ଚ ଦିନ ମଧ୍ୟରେ ତାମିଲନାଡୁ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ବର୍ଷା ଏବଂ ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

# ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖାଯାଇଥିଲା: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଏହି ସ୍ଥଳରେ ଥିବା ୧୯ଟି ଐତିହ୍ୟ ମଠ ଗୁଡିକର ପୁନଃବିନ୍ୟାସ ନେଇ ଗତକାଲି ରାଜ୍ୟର ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ କହିଛି, ଐତିହ୍ୟ ସ୍ୱରୂପ ବିରାଜମାନ ଥିବା ଏହି ୧୯ଟି ମଠର ମୂଳ ପୀଠ ବା ବିଜେ ସ୍ଥଳୀକୁ ଅକ୍ଷୁର୍ଣ୍ଣ ରଖାଯାଇଥିଲା। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ, ସେଠାରେ ଥିବା ମଠ ଗୁଡିକର ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀ ଗୁଡିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା, ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନ ଇତ୍ୟାଦି ଗୁଡିକ ଭଙ୍ଗାଯାଇ, ସେଗୁଡିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ, ମଠ ଗୁଡିକର ବିଜେସ୍ଥଳୀର ସୌନ୍ଦର୍ଯ୍ୟକରଣ କରାଯାଇ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେଗୁଡିକ ଦର୍ଶନ କରୁଛନ୍ତି। ମଠ ଗୁଡିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତିନେଇଥିଲେ, ଯାହାକୁ ମଠାଧିଶ ମାନେ ଗ୍ରହଣ କରିଥିଲେ। ଡ଼ଃ ମହାନ୍ତି ଆହୁରି କହିଛନ୍ତି, ମଠ ଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆ ଯାଇଥିଲା ବୋଲି ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ ନୁହେଁ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ ସମୃଦ୍ଧ। ମଠ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ବିଜେସ୍ଥଳୀକୁ ଅକ୍ଷୁର୍ଣ୍ଣ ରଖିବା ସହିତ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଏହି ମଠ ଗୁଡିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦି ଅନ୍ୟ ଏକ ସ୍ଥାନରେ ପୁନଃନିର୍ମାଣ ହେବ ବୋଲି ନିଷ୍ପତ୍ତି ହୋଇଥିଲା ବୋଲି ଡ଼ଃ ମହାନ୍ତି କହିଛନ୍ତି।




## ବାଂଲାଦେଶୀଙ୍କ ପାଇଁ ଟ୍ୱିନ୍ ସିଟିରେ ଅପରାଧ ବଢୁଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟ୍ୱିନ୍ ସିଟିରେ ଅପରାଧ ବଢୁଛି। ବସ୍ତିରୁ ବାର୍ ବାଂଲାଦେଶୀ ଅନୁପ୍ରବେଶକାରୀ ସବୁଠି ମାତିଛନ୍ତି। ବାଂଲାଦେଶୀଙ୍କ ଅନୁପ୍ରବେଶ ନେଇ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ ଅନୁପ୍ରବେଶକାରୀ ଚୋରା ନିଶା କାରବାର ସହିତ ଅପରାଧ ଘଟାଉଛନ୍ତି। ଚେକ୍ ଦେବାକୁ ନଗର ଉନ୍ନୟନ ଓ ଅବକାରୀ ବିଭାଗର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି। ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ। ବସ୍ତିରେ ରହୁଥିବା ଅପରାଧିଙ୍କ ଘରକୁ ଭଙ୍ଗା ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

**ସଂସ୍କୃତି ମନ୍ତ୍ରଣାଳୟ**
ଭାରତ ସରକାର
ସତ୍ୟମେବ ଜୟତେ

**ସାଂସ୍କୃତିକ ସମ୍ବଳ ଏବଂ ତାଲିମ କେନ୍ଦ୍ର**
**(ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ)**

ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ଛାତ୍ରବୃତ୍ତି ଯୋଜନା-୨୦୨୫-୨୬

ସିସିଆରଟି ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ବୃତ୍ତି ଯୋଜନା କାର୍ଯ୍ୟକାରୀ କରୁଛି ଯାହା ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା କିମ୍ବା ପାରମ୍ପରିକ ପ୍ରଦର୍ଶନ କଳାରେ ଜଡିତ ପରିବାରର ୧୦ ରୁ ୧୪ ବର୍ଷ ବୟସର (ଶେଷ ଯୋଗ୍ୟତା ତାରିଖ ଅନୁଯାୟୀ) ମନୋନୀତ ଅସାଧାରଣ ପ୍ରତିଭାଶାଳୀ ପିଲାମାନଙ୍କୁ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ବିଶେଷ ତାଲିମ ପ୍ରଦାନ କରାଯାଇପାରିବ, ଯେପରିକି ସଂଗୀତ, ନୃତ୍ୟ, ନାଟକ, ଚିତ୍ରକଳା, ମୂର୍ତ୍ତିକଳା, ହସ୍ତଶିଳ୍ପ ଏବଂ ସାହିତ୍ୟିକ କଳାର ପାରମ୍ପରିକ ରୂପ ଏବଂ ବିଲୁପ୍ତ ହେବାକୁ ଥିବା ବିରଳ କଳା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇପାରିବ। ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ବୃତ୍ତି ଦୁଇ ବର୍ଷ ପାଇଁ, ପ୍ରତି ଦୁଇ ବର୍ଷ ପରେ ନବୀକରଣ କରାଯାଇପାରିବ, ଯାହା ଛାତ୍ରବୃତ୍ତିଧାରୀଙ୍କ ପ୍ରଥମ ବିଶ୍ୱବିଦ୍ୟାଳୟ ଡିଗ୍ରୀ ପର୍ଯ୍ୟାୟ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ୨୦ ବର୍ଷ ବୟସ ସମାପ୍ତ ହେବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହୁଏ, ସନ୍ତୋଷଜନକ ପ୍ରଗତି ବଜାୟ ରଖିବା ଉପରେ ନିର୍ଭର କରେ। ନିମ୍ନରେ ଦିଆଯାଇଥିବା ବିବରଣୀ ଅନୁଯାୟୀ ପ୍ରତିବର୍ଷ ୬୫୦ ଛାତ୍ରବୃତ୍ତି ପ୍ରଦାନ କରାଯାଏ।

| | |
|---|---|
| ସାଧାରଣ ବର୍ଗ ଏବଂ ଅନ୍ୟମାନଙ୍କ ପାଇଁ ସ୍କଲାରସିପ୍ ୩୭୫ | ପାରମ୍ପରିକ କଳାକାର ପରିବାର ପାଇଁ ୧୨୫ଟି ଛାତ୍ରବୃତ୍ତି |
| ଆଦିବାସୀ ସଂସ୍କୃତି / ଅନୁସୂଚିତ ଜନଜାତି ପାଇଁ ୧୦୦ ଛାତ୍ରବୃତ୍ତି | ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ୨୦ଟି ଛାତ୍ରବୃତ୍ତି |
| ସୃଜନଶୀଳ ଲେଖା/ସାହିତ୍ୟ କଳା ପାଇଁ ୩୦ଟି ସ୍କଲାରସିପ୍ | |

ଛାତ୍ରବୃତ୍ତିର ମୂଲ୍ୟ ବାର୍ଷିକ ଟଙ୍କା ୩୬୦୦ (ତିନ ହଜାର ଛଅ ଶହ ଟଙ୍କା ମାତ୍ର) ଏବଂ ସ୍ୱତନ୍ତ୍ର ତାଲିମ ପାଇଁ ବର୍ଷକୁ ଟଙ୍କା ୯୦୦୦ (ନଅ ହଜାର ଟଙ୍କା ମାତ୍ର) ପର୍ଯ୍ୟନ୍ତ ପ୍ରକୃତ ଶିକ୍ଷାଦାନ ଫି ମଧ୍ୟ ପ୍ରଦାନ କରାଯାଏ। ଯେଉଁ ପିଲାମାନଙ୍କର ଜନ୍ମ ତାରିଖ ୦୧-୦୭-୨୦୧୧ ରୁ ୩୦-୦୬-୨୦୧୫ (ଉଭୟ ତାରିଖ ସମେତ) ମଧ୍ୟରେ ହୋଇଛି, ସେମାନେ ୨୦୨୫-୨୬ ବର୍ଷ ପାଇଁ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଆବେଦନ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ CCRT ୱେବସାଇଟ୍ www.ccrtindia.gov.in ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ନିମ୍ନଲିଖିତ ଯେକୌଣସି ଠିକଣାରୁ ବ୍ୟକ୍ତିଗତ ଭାବରେ / ଡାକ ଦ୍ୱାରା ମାଗଣାରେ ସଂଗ୍ରହ କରାଯାଇପାରିବ।

| | |
|---|---|
| ସାଂସ୍କୃତିକ ସମ୍ବଳ ଏବଂ ତାଲିମ କେନ୍ଦ୍ର, ୧୫ ଏ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ – ୧୧୦୦୭୫, ଟେଲିଫୋନ୍ ୦୧୧-୨୫୦୮୮୬୩୮, ଇ-ମେଲ୍ -ddsch.ccrt@nic.in, ୱେବସାଇଟ୍- www.ccrtindia.gov.in | CCRT ଆଞ୍ଚଳିକ କେନ୍ଦ୍ର, ୧- ୧୧୮ /ସିସିଆରଟି, ସର୍ଭେ ନଂ.୬୪, ଗୁଗୁଲ୍ ଅଫିସ୍ ନିକଟରେ, ମାଧପୁର, ହାଇଦ୍ରାବାଦ - ୫୦୦୦୮୪, ଟେଲିଫୋନ୍ ୦୪୦-୨୩୧୧୭୦୫୦ ଏବଂ ୨୩୧୧୧୯୧୦, ଇ-ମେଲ୍ - rchyd.ccrt@nic.in |
| CCRT ଆଞ୍ଚଳିକ କେନ୍ଦ୍ର, ହାୱାଲା ଖର୍ଦ୍ଦ, ବାଦଗାଓଁ, ଉଦୟପୁର, ରାଜସ୍ଥାନ-୩୧୩୦୦୧, ଟେଲିଫୋନ୍ ୦୨୯୪-୨୪୩୦୭୬୪, ଟେଲିଫ୍ୟାକ୍ସ ୦୨୯୪-୨୪୩୦୭୭୧, ଇ-ମେଲ୍ - rcud.ccrt@nic.in | CCRT ଆଞ୍ଚଳିକ କେନ୍ଦ୍ର, ୫୮, ଜୁରିପାର, ପାଞ୍ଜାବାରୀ ରୋଡ୍, ଗୌହାଟି - ୭୮୧୦୩୭, ଆସାମ, ଟେଲିଫୋନ୍ ୦୩୬୧-୨୩୩୦୧୫୨, ଟେଲିଫ୍ୟାକ୍ସ ୦୩୬୧-୨୩୩୫୩୧୬, ଇ-ମେଲ୍ -rcgwt.ccrt@nic.in |
| CCRT ଆଞ୍ଚଳିକ କେନ୍ଦ୍ର, ପୁରୁଣା କଲେକ୍ଟରେଟ୍ ବିଲଡିଂ, ଦାମୋ, ମଧ୍ୟପ୍ରଦେଶ - ୪୭୦୬୬୧, ଟେଲିଫୋନ୍ ୦୭୮୧୨-୨୯୯୧୮୭, ଇ-ମେଲ୍ - rcdamoh-ccrt@gov.in | |

CBC 09127/12/0001/2526

ସଂଲଗ୍ନ ଡକ୍ୟୁମେଣ୍ଟ ସହିତ ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ CCRT, ନୂଆଦିଲ୍ଲୀ -୧୧୦୦୭୫ରେ ସୋମବାର, ୩୦ ଜୁନ୍ ୨୦୨୫ ରେ କିମ୍ବା ତା' ପୂର୍ବରୁ ପହଞ୍ଚିବା ଉଚିତ। CCRT କୌଣସି ପୋଷ୍ଟାଲ୍ ବିଳମ୍ବ ପାଇଁ ଦାୟୀ ରହିବ ନାହିଁ ଏବଂ ଶେଷ ତାରିଖ ପରେ ପ୍ରାପ୍ତ ଆବେଦନଗୁଡ଼ିକୁ ବିଚାର କରାଯିବ ନାହିଁ।

ଭୁବନେଶ୍ୱର
୨୫ ମଇ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ବଦଳିଲା ଶ୍ରୀଲିଙ୍ଗରାଜଙ୍କ ବିବାହ ତିଥି

# ଆସନ୍ତା ୩୦ରେ ବିବାହ, ୩୧ରେ ଶୀତଳ ଷଷ୍ଠୀ ଯାତ୍ରା

**ଭୁବନେଶ୍ୱର,୨୪/୦୫ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମଙ୍ଗନ, ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ତିଥି ଏବଂ ତାରିଖରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ କେଦାରଗୌରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆସନ୍ତା ୩୦ ତାରିଖରେ ମଙ୍ଗନ, ୩୧ରେ ବିବାହ ଓ ଜୁନ୍ ୧ରେ ପ୍ରତ୍ୟାବର୍ତ୍ତନ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା । ମାତ୍ର ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ତିଥି ପରିବର୍ତ୍ତନ କରାଯାଇଛି। ନୂତନ ତିଥି ଅନୁଯାଇ ଆସନ୍ତା ୨୯ରେ ମଙ୍ଗନ (ଅଷ୍ଟ ଚଣ୍ଡୀ ନିମନ୍ତ୍ରଣ), ୩୦ରେ ବରାନୁଗମନ ଓ ବାହାଘର ଏବଂ ୩୧ରେ ପ୍ରତ୍ୟାବର୍ତ୍ତନ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ । ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ୩୦ ତାରିଖ ରାତି ୧୧ଟାରେ କେଦାରଗୌରୀ ଅଭିମୁଖେ ବରାନୁଗମନ ଓ ରାତି ସାଢେ ୨ଟା ମଧ୍ୟେ ହାତଗଣ୍ଠି ପଡ଼ିବ। ଭୋର ୪ଟାରେ କଉଡ଼ି ଖେଳ ନୀତି



ସମାପନ ହୋଇ ୩୧ ତାରିଖ ସକାଳ ୫ଟାରୁ ନବ ଦମ୍ପତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ପରେ ସମସ୍ତ ନୀତି ବଢ଼ି ଠିକ ରାତି ୧୦ଟାରେ ଦେଉଳ ପ୍ରତ୍ୟାବର୍ତ୍ତନ (ଶୀତଳ ଷଷ୍ଠୀ) ଶୋଭାଯାତ୍ରା ହେବ । ବୈଠକରେ ମନ୍ଦିର ଜ୍ୟୋତିଷ ଏହି ପ୍ରସ୍ତାବ ରଖିବା ପରେ ସେବାୟତଙ୍କ ମଧ୍ୟରେ କିଛି ସମୟ ବାଦବିବାଦ ହୋଇଥିଲା। ଏହି ପରିବର୍ତ୍ତିତ ତିଥି କେଦାରଗୌରୀ ମନ୍ଦିର ପରିଚାଳନା କମିଟି ଓ ଶୀତଳ ଷଷ୍ଠୀ କମିଟି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । କେଦାରଗୌରୀ ପରିଚାଳନା କମିଟି ସମ୍ପାଦକ ଲୁଲୁ ମହାପାତ୍ର କହିଛନ୍ତି, ଆମେ ନିମନ୍ତ୍ରଣ ପତ୍ର ମୁଦ୍ରିତ କରି ବାଣ୍ଟିବା ଆରମ୍ଭ କରିଦେଇଥିଲୁ । ଏବେ ହଠାତ ତିଥି ପରିବର୍ତ୍ତନ ହେଲା । ଜ୍ୟୋତିଷ ଆଗ କହିଥିଲେ ଗୋଟେ ତାରିଖ, ଶନିବାର ପୁଣି ଆଉ ଏକ ତାରିଖ କହୁଛନ୍ତି । ଯାହା ବି ହେଉ ଆମକୁ ମହାପ୍ରଭୁଙ୍କ ତିଥି ଅନୁଯାୟୀ କାମ କରିବାକୁ ହେବ । ତେଣୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରୁଛୁ, ସେମାନେ ଜୁନ ୧ତାରିଖ ବଦଳରେ ଚଳିତ ମାସ ୩୧ ତାରିଖରେ ନବବିବାହିତ ଦେବଦମ୍ପତିଙ୍କ ଦର୍ଶନ ନିମନ୍ତେ ଆସି ପ୍ରୀତିଭୋଜନ ଏବଂ ଶୀତଳ ଷଷ୍ଠୀରେ ଯୋଗ ଦେବେ । ଏହ ବୈଠକରେ ବ୍ରାହ୍ମଣ ନିଯୋଗର ନାରାୟଣ ମହାପାତ୍ର, ଭାଗିରଥି ମହାସୁଆର, ହିମାଦ୍ରୀ ମହାପାତ୍ର, ବିରଞ୍ଚି ନାରାୟଣ ପତି, ପୂଜାପଣ୍ଡା ନିଯୋଗର ପ୍ରସନ୍ନ ପୂଜାପଣ୍ଡା ଓ ସଚିକାନ୍ତ ପୂଜାପଣ୍ଡା, ପର୍ବ ଜାତ ବିଷୋୟୀ, ପ୍ରଶାନ୍ତ ସମର୍ଥା, ସୁପରଭାଇଜରଙ୍କ ସମେତ ମନ୍ଦିର କର୍ମଚାରୀ ଉପସ୍ଥିତ ଥିଲେ ।

### ସ୍ନାନଯାତ୍ରା ପ୍ରସ୍ତୁତି ପାଇଁ ପୁରୀ ପ୍ରଶାସନର ବୈଠକ

# ଶ୍ରୀଜୀଉଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ନିଷ୍ପତ୍ତି



**ଭୁବନେଶ୍ୱର, ୨୪/୦୫ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କ ସ୍ନାନଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ନାନଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ସଦ୍‌ଭାବନା ଗୃହରେ ବସିଥିଲା ଏହି ବୈଠକ । ଏହି ବୈଠକରେ ପୁରୀ ଏସ୍‌ପିଙ୍କ ସହ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଆସନ୍ତା ଜୁନ୍ ୧୧ ତାରିଖରେ ସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ତା'ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଡାକିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ଏସ୍‌ପି, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଅଲାରନାଥ ସେବାୟତ ସାମିଲ ଥିଲେ। ବୈଠକରେ ମହାପ୍ରଭୁଙ୍କ ଅଣସର ନୀତି ସମୟରେ ପ୍ରଭୁ ଅଲାରନାଥଙ୍କ ମନ୍ଦିରରେ କିପରି ଶୃଙ୍ଖଳିତ ନୀତିକାନ୍ତି ହେବ ସେନେଇ ଆଲୋଚନା ହୋଇଛି । ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ଫୋର୍ସ ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୮ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ କରାଯିବ ।



ଭୁବନେଶ୍ୱର : ଦିନକ ପରେ ସାବିତ୍ରୀ ବ୍ରତ । ରାଜଧାନୀର ଫଳ ଓ ପୂଜାସାମଗ୍ରୀ ଦୋକାନରେ ମହିଳାମାନଙ୍କ ଭିଡ ଜମିଛି। (ଫଟୋ : ସମ୍ବାଦ କଳିକା)

### ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ପରିଦର୍ଶନ କଲେ ପ୍ରମୁଖ ସଚିବ

# ଜଳ ପରିଚାଳନା ସମେତ ଜବରଦଖଲ ଉଚ୍ଛେଦ ଓ ଜଳାଶୟ ବିକାଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୪/୦୫ ନ୍ୟୁଜ ବ୍ୟୁରୋ**

ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ଏବଂ ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି.) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବି.ଡି.ଏ.) ଅଧୀନରେ ଥିବା ଗାଙ୍ଗୁଆନାଳ ଏବଂ ଦୟା ପଶ୍ଚିମ କେନାଲ ଅଞ୍ଚଳକୁ ପରିଦର୍ଶନ କରିଥିଲେ। ତାଙ୍କ ସହିତ



ବି.ଏମ୍.ସି. କମିଶନର ରାଜେଶ ପ୍ରବାକର ପାଟିଲ, ବି.ଡି.ଏ. ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବି.ଏମ୍.ସି. ଏବଂ ବି.ଡି.ଏ.ର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ଚ୍ୟାନେଲ ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଓ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ଦଳ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ ଏବଂ ଏହି ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ଶ୍ରୀମତୀ ପାଢ଼ୀ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଗୋଷ୍ଠି ଯୋଗଦାନ ମାଧ୍ୟମରେ ପରିବେଶ ପୁନରୁଦ୍ଧାର ଏବଂ ଜଳ ନିଷ୍କାସନ ସମସ୍ୟାକୁ ମିଳିତ ଭାବେ ସମାଧାନ କରିଥାଏ। ସେ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ଷେତ୍ର ଗସ୍ତ ସକ୍ରୀୟ ପ୍ରଶାସନ, ପରିବେଶ ପରିଚାଳନା ଏବଂ ସମାବେଶୀ ସହରାଞ୍ଚଳ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଇପିଏଫ୍ ହିତାଧିକାରୀଙ୍କ ୮.୨୫% ସୁଧହାରକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୪/୦୫**

କେନ୍ଦ୍ର ସରକାରଙ୍କ ପକ୍ଷରୁ ୮.୨୫% ଇପିଏଫ ସୁଧହାରକୁ ମଞ୍ଜୁରୀ ଦେଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷ ଏହି ଇପିଏଫ ସୁଧହାରକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁରୀ ଦିଆଯାଇଛି। ସିବିଟି ବୈଠକରେ ୮.୨୫% ଇପିଏଫ ସୁଧହାର ପାଇଁ ପ୍ରସ୍ତାବ ଦିଆଯାଇଥିଲା।

ଏମ୍ପ୍ଲୟିଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେସନ (ଇପିଏଫଓ), ୨୮ ଫେବୃୟାରୀରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ଜମା ଉପରେ ପୂର୍ବ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ହାର ସହିତ ସମାନ ୮.୨୫ ପ୍ରତିଶତ ସୁଧ ହାର ବଜାୟ ରଖିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୪-୨୫ ପାଇଁ ଅନୁମୋଦିତ ସୁଧ ହାର ଅର୍ଥ ମନ୍ତ୍ରଣାଳୟର ସମ୍ମତି ପାଇଁ ପଠାଯାଇଥିଲା। ଯାହାକୁ ଅର୍ଥ ମନ୍ତ୍ରଣାଳୟ ସମ୍ମତି ପ୍ରକାଶ କରିଛି।

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ କିମ୍ବା କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ହେଉଛି ଏକ ସରକାରୀ ସୁରକ୍ଷା ଯୋଜନା ଯାହାକି ଇପିଏଫଓ ଦ୍ୱାରା ପରିଚାଳିତ ହୁଏ । ଏହି ପାଣ୍ଠିରେ ଦରମା ପ୍ରାପ୍ତ ବ୍ୟକ୍ତିଙ୍କ ବେତନରୁ ପ୍ରୋଭିଡେଣ୍ଡ ଫଣ୍ଡ କଟାଯାଇ ସଞ୍ଚୟ କରାଯାଇଥାଏ । ଯେଉଁଠାରେ ସଞ୍ଚୟ ଉଦ୍ଦେଶ୍ୟରେ ଲୋକମାନେ ପିପିଏଫ୍ ଆକାଉଣ୍ଟ ମଧ ଖୋଲନ୍ତି। ଏହି ପାଣ୍ଠିରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା କଟାଯାଇଥାଏ। ପ୍ରତି ମାସରେ ପିଏଫ କଟାଯିବା ପରେ ପଞ୍ଜୀକୃତ ଫୋନରେ ବାଲାନ୍ସ ବିଷୟରେ ସୂଚନା ଦିଆଯାଏ । ଏହାସହିତ ଜଣେ ଇପିଏଫ ହିତାଧିକାରୀ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୦୧୧-୨୨୯୦୧୪୦୬ରେ ଏକ ମିସ୍ କଲ୍ ଦେଇ ନିଜ ବାଲାନ୍ସ ଯାଞ୍ଚ କରିପାରିବେ । ଯଦି ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ) ବ୍ୟାଙ୍କ ଆକାଉଣ୍ଟ ନମ୍ବର, ଆଧାର, ଏବଂ ପାନ୍ ନମ୍ବର ସହିତ ସଂଯୁକ୍ତ ହୋଇଥିଲେ ପିଏଫ ବାଲାନ୍ସ ମଧ ପାଇପାରିବେ।

### ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି

# ହେମଗିରି ଓ କୋଇଡ଼ା ଖଣି ଲୁଟ୍‌ର ପର୍ଦ୍ଦାଫାସ କରିବ ଭିଜିଲାନ୍ସ

**ବ୍ରହ୍ମପୁର ୨୪/୦୫ ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଓ କୋଇଡ଼ା ବ୍ଲକ୍‌ରେ ହୋଇଥିବା ଖଣି ଲୁଟ୍‌ର ହେବ ଭିଜିଲାନ୍ସ ତଦନ୍ତ । ଦୁଇ ତହସିଲ ଅଞ୍ଚଳରେ ବ୍ୟାପକ ବେଆଇନ ଖଣି ଉତ୍ତୋଳନ ନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ଏସ୍‌ଆଇଟି ଗଠନ କରାଯାଇଛି । ବ୍ରହ୍ମପୁର ସର୍କିଟ୍ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ।



ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲ ଅଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ ଖଣି ଉତ୍ତୋଳନ ଚାଲିଛି । ଏନେଇ ବାରମ୍ବାର ଅଭିଯୋଗ ଆସିବା ପରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କ ସହିତ ଉକ୍ତ ସ୍ଥାନରେ ପହଞ୍ଚି ବେଆଇନ ଖଣି ଖନନ ଓ ଚାଲାଣ ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ କରିଥିଲେ । ପରେ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିଲେ । ତେବେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲାର ଏହି ଦୁଇଟି ତହସିଲରେ ହୋଇଥିବା ବ୍ୟାପକ ଖଣି ଦୁର୍ନୀତିର ପର୍ଦ୍ଦାଫାସ୍ ପାଇଁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ସାମ୍ବାଦିକ ସମ୍ମିଳନୀରେ ଖଣି ମନ୍ତ୍ରୀ ଆହୁରି ମଧ କହିଛନ୍ତି, ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇଛନ୍ତି। ଏଥିରେ ଦୋଷୀ ଯେକେହି ବି ହୁଅନ୍ତୁ ସମସ୍ତଙ୍କୁ ଖୋଜି ବାହାର କରାଯିବ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉଲ୍ଲେଖ ଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯,୮୪୩ ମେଟ୍ରିକ୍ ଟନ୍‌ରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ । ଏହି ମୋଟ୍ କୋଲ୍ ମାଇନ୍ସ ମଧ୍ୟରୁ ୧୪ଟି ଗୋପାଳପୁର ଗାଁରେ, ୩ଟି ରନ୍‌ସୋରା ଗାଁରେ ଓ ୫ଟି ଭୋଗରାକଚର ଗାଁରେ ଅବସ୍ଥିତ । ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି । ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଓ ଭୋଗରାକଚର ଗାଁରେ ମଧ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯାଇଥିବା ସୂଚନା ରହିଛି । ସେହିପରି କୋଇଡ଼ା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା, ସାନପୁଟୁଳି, କୋଲମଙ୍ଗ ଓ ରୁସିବେଣୁଆଠାରେ ୪୭ଟି ମାଙ୍ଗାନିଜ୍ ଓ ୩ଟି ଲୌହ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜର ଆସିଛି । ଏହି ମୋଟ୍ ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡ଼ା ଗାଁରେ ରହିଛି । ୧୦ଟି ମାଲଦା ଗାଁରେ, ୨୦ଟି କୋଲମଙ୍ଗ ଗାଁରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗାଁରେ ଅବସ୍ଥିତ । ଏସବୁ ଖଣିରୁ ୨୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମାଙ୍ଗାନିଜ ଓର୍ ଓ ୧,୨୦୦ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଲୁହାପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ୩୭ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଯେଉଁ ଖଣି ମାଫିଆ ମାନେ ମାଇନ୍ସ ମିନେରାଲ୍ ଡେଭଲ୍‌ପମେଣ୍ଟ ରେଗୁଲେସନକୁ ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଖଣି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଭିଜିଲାନ୍ସ ଜାଲରେ ଫାଶି ଏଏସ୍‌ଆଇ ଓ ହୋମଗାର୍ଡ

**ଖୋର୍ଦ୍ଧା, ୨୪/୦୫ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପୋଲିସ ବାବୁ। ଖୋର୍ଦ୍ଧା ଭିଜିଲାନ୍ସ ଜାଲରେ ବାଙ୍କୋଇ ଫାଣ୍ଡି ଏଏସଆଇ ଓ ହୋମଗାର୍ଡ । ଲାଞ୍ଚ ନେଇ ଧରାପଡିଲେ ଏଏସଆଇ ତୁଷାର ନାୟକ ଓ ହୋମଗାର୍ଡ ପିକେ ସୁନ୍ଦରାୟ। ଏକ ମାମଲାରେ କେସ ଡାଏରୀରୁ ନାଁ ହଟାଇବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଲାଞ୍ଚ ନେବାବେଳେ ଧରିଲା ଭିଜିଲାନ୍ସ ଟିମ। ତୁଷାରଙ୍କ ବାଙ୍କୋଇ ଠାରେ ରହୁଥିବା ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି। ଉଭୟଙ୍କୁ ଭିଜିଲାନ୍ସ ଟିମ୍ ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ନେଇଯାଇଛି। ଭିଜିଲାନ୍ସ ଡିଏସପି ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ଥାନାରେ ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିଥିଲା। ତୁଷାର ନିକଟରେ ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ।

### ଭତ୍ତା ପାଇଁ ବୃଦ୍ଧ ଅଧ କିଲୋମିଟର ଘୁଷୁଡ଼ିବା ଘଟଣା: ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପହଞ୍ଚିଲା ପ୍ରଶାସନ

# ମିଳିଲା ହୁଇଲ୍ ଚେୟାର, ପକ୍କା ଘର ଓ ବିଜୁଳି ଯୋଗାଣ ପାଇଁ ପ୍ରତିଶ୍ରୁତି

**କେନ୍ଦ୍ରାପଡ଼ା, ୨୪/୦୫ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ କୋର ଗାଁର ୮୦ବର୍ଷୀୟ ବୃଦ୍ଧ ଶ୍ରୀଧର ସାହୁ ଭତ୍ତା ପାଇଁ ଅଧକିଲୋମିଟର ରାସ୍ତା ଘୁଷୁଡ଼ି ଘୁଷୁଡ଼ି ଯିବା ଘଟଣାକୁ ନେଇ ଖବର ପ୍ରକାଶ ପାଇବା ପରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏଥିରେ ହସ୍ତକ୍ଷେପ କରିଛନ୍ତି। ଜଷ୍ଟିସ୍ ସାହୁ ଏ ସଂପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା ଜଜ୍, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ସହିତ ଆଲୋଚନା କରିଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଆଲୋଚନା ବେଳେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଧର ସାହୁଙ୍କୁ ଭତ୍ତା ଅର୍ଥ ତାଙ୍କ ବାସଭବନରେ ପ୍ରଦାନ କରାଯାଇଛି ବୋଲି ଏହି ସମୟରେ ଅବଗତ କରାଯାଇଥିଲା। କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ସାହୁଙ୍କ ପରାମର୍ଶ ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆସନ୍ତା ମାସରୁ ବୃଦ୍ଧ ଶ୍ରୀଧରଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ବର୍ଦ୍ଧିତ ଭତ୍ତା ତାଙ୍କ ଘରେ ଦେବାର ବ୍ୟବସ୍ଥା କରିବେ। ଜଷ୍ଟିସ୍ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସୁଦୀପ୍ତା ମହାପାତ୍ର ପ୍ରମୁଖ ଶ୍ରୀଧରଙ୍କ ଘରେ ପହଞ୍ଚି ତାଙ୍କ ସମସ୍ୟା ବୁଝିଥିଲେ। ସେଠାରୁ ସିଧାସଳଖ ଭିଡିଓ କନ୍‌ଫରେନ୍ସିଂ କରାଯାଇଥିଲା। ଏଥିରେ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ



ଜଷ୍ଟିସ୍ ସାହୁଙ୍କ ସହିତ ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜ୍ଞା ପାରମିତା ରାଉଳ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ପ୍ରମୁଖ ରହିଥିଲେ। ବୃଦ୍ଧଙ୍କ ସ୍ଥାୟୀ ଥଇଥାନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହିତ ଚଳପ୍ରଚଳ ପାଇଁ ବୃଦ୍ଧଙ୍କୁ ସଂଗେ ସଂଗେ ସେଠାରେ ଏକ ହୁଇଲ୍ ଚେୟାର ଯୋଗାଇ ଦିଆଯାଇଥିଲା। ଖୁବ୍‌ଶୀଘ୍ର ସରକାରୀ ଯୋଜନାରେ ପକ୍କା ଘର, ବିଜୁଳି ସଂଯୋଗ ସହିତ ମାଗଣା ମେଡିକାଲ୍ ସୁବିଧା ଯୋଗାଇ ଦିଆଯିବ ବୋଲି କୁହାଯାଇଥିବା ବିଡିଓ ଅଭିଷେକ ସ୍ୱାଇଁ ସୂଚନା ଦେଇଛନ୍ତି। ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଅନ୍ତ୍ୟୋଦୟ ଯୋଜନାରେ ତାଙ୍କୁ ଜୁନ୍ ପ୍ରଥମ ସପ୍ତାହରେ ପକ୍କା ଘର ଯୋଗାଇ ଦିଆଯିବ। ମାଗଣା ବିଜୁଳି ଓ ମେଡିକାଲ୍ ସୁବିଧା ମଧ୍ୟ ପ୍ରଦାନ କରାଯିବ। ଗ୍ରହଣ କରାଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଆଇନସେବା ପ୍ରାଧିକରଣ ନିକଟରେ ଦାଖଲ କରାଯିବ।

କେନ୍ଦ୍ରାପଡ଼ା ବ୍ଲକ୍ କାର୍ଯ୍ୟାଳୟରୁ ବୃଦ୍ଧ ଶ୍ରୀଧରଙ୍କ ଘର ଦୂରତା ପାଖାପାଖି ଦଶ କିଲୋମିଟର। ତାଙ୍କର ଦୁଇ ଝିଅ ବିବାହିତ। ତିନି ବର୍ଷ ତଳେ ପତ୍ନୀଙ୍କ ମୃତ୍ୟୁ ପରେ ଶ୍ରୀ ସାହୁ ସମ୍ପୂର୍ଣ୍ଣ ଏକୁଟିଆ ହୋଇଯାଇଛନ୍ତି। ବାର୍ଦ୍ଧକ୍ୟଜନିତ ରୋଗ କାରଣରୁ ଦୁଇ ଗୋଡ଼ ଅଚଳ ହୋଇଯାଇଛି। ପଡ଼ିଶା ଘର ଜଣେ ବ୍ୟକ୍ତି ତାଙ୍କ ଖାଦ୍ୟପେୟ ବ୍ୟବସ୍ଥା ବୁଝୁଛନ୍ତି। ଶ୍ରୀଧର ଅତ୍ୟନ୍ତ ଗରିବ ଓ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ପକ୍କା ଘର ମିଳି ନାହିଁ। ଭଙ୍ଗାଦଦରା ନୂଆଣିଆ ଚାଳଘରେ ତାଙ୍କ ଜୀବନ ବିତୁଛି। ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେଜି ଚାଉଳ ଓ ୧୪୦୦ ଟଙ୍କା ଭତ୍ତାରେ ସେ ଚଳୁଛନ୍ତି। ନିଜେ ଚଳପ୍ରଚଳ କରିବାକୁ ଅକ୍ଷମ ଥିବାରୁ ଝିଅ ଭତ୍ତା ଟଙ୍କା ନେଇ ଆସୁଥିଲେ। ମାତ୍ର ଏଥର ଭତ୍ତା ଟଙ୍କା ଝିଅକୁ ଦେବା ପାଇଁ ପଞ୍ଚାୟତ ଅଧିକାରୀ ମନା କରିଦେବାରୁ ଗୁରୁବାର ଶ୍ରୀଧର ଭତ୍ତା ଟଙ୍କା ଆଣିବାକୁ ଘୁଷୁରି ଘୁଷୁରି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ପ୍ରାୟ ଅଧକିଲୋମିଟରରୁ ଅଧିକ ରାସ୍ତା ଯିବା ପରେ କିଛି ଲୋକ ତାଙ୍କୁ ଅଟକାଇ ଅଧିକାରୀଙ୍କୁ ଖବର ଦେବାରୁ ପଞ୍ଚାୟତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଭତ୍ତା ଟଙ୍କା ଦେଇଥିଲେ।

# ସମ୍ବଲପୁରରୁ ହାତୀ ଶାବକର ମୃତଦେହ ଉଦ୍ଧାର

### କିଛି ଦିନ ତଳେ ମୃତ୍ୟୁ ହୋଇଥିବା ଅନୁମାନ

**ସମ୍ବଲପୁର,୨୪/୦୫ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ବନଖଣ୍ଡରେ ପୁଣି ହାତୀ ମୃତ୍ୟୁ ଘଟିଛି । ଯୁଯୁମୁରା ବ୍ଲକ୍ ସଦର ରେଞ୍ଜରୁ ହାତୀ ଶାବକ ମୃତଦେହ ଉଦ୍ଧାର ହୋଇଛି। ଝାଙ୍କରପାଲି ସେକ୍ସନ ମୁଣ୍ଡେର ହାଲୁଖୁଲିଆ ନିକଟରୁ ଶନିବାର ଏକ ହାତୀ ଛୁଆର ମୃତଦେହ ଠାବ ହୋଇଛି । ମୃତଦେହଟି ୩ରୁ ୪ ଦିନ ତଳର ବୋଲି ଅନୁମାନ କରାଯାଉଛି । ସୂଚନା ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି । ସୂଚନା ମୁତାବକ, ସମ୍ବଲପୁର ବନଖଣ୍ଡ ହାତୀ ମୃତ୍ୟୁ ଯନ୍ତାରେ ପରିଣତ ହୋଇଛି। ଗତ କିଛି ବର୍ଷ ହେଲା ନିୟମିତ ଭାବେ ହାତୀଙ୍କ ଜୀବନ ଯାଉଛି । ଶନିବାର ସମ୍ବଲପୁର ବନଖଣ୍ଡ ଝାଙ୍କରପାଲି ସେକ୍ସନ ମୁଣ୍ଡେର ହାଲୁଖୁଲିଆ ନିକଟରୁ ଏକ ହାତୀ ଛୁଆର ମୃତଦେହ ଉଦ୍ଧାର ହୋଇଛି । ମୃତଦେହଟି ୩ରୁ ୪ ଦିନ ତଳର ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି । ସୂଚନା ଯୋଗ୍ୟ ଯେ, ସଦର ରେଞ୍ଜରେ ହାତୀ ମୃତ୍ୟୁ ନୂଆ ନୁହେଁ । ଚଳିତ ବର୍ଷ ଏହା ତୃତୀୟ ହାତୀ ମୃତ୍ୟୁ ଘଟଣା । ଗତ ଜାନୁଆରୀ ୨୯ ତାରିଖରେ ସଦର ରେଞ୍ଜ ଯାଦୁଲୁଇସିଂହ ଜଙ୍ଗଲରୁ ଗୋଟିଏ ୨୦ ବର୍ଷର ଦନ୍ତାର ମୃତଦେହ ଉଦ୍ଧାର ହୋଇଥିଲା । ଏହାର ଠିକ୍ ୩ ଦିନ ପୂର୍ବରୁ ବିଦ୍ୟୁତ୍ ଆଘାତରେ ସେହି ସଦର ରେଞ୍ଜ ଖସୁଆ ପାଲି ଲଭଡେରା ବୋଲଙ୍ଗା ସଂରକ୍ଷିତ ଜଙ୍ଗଲରୁ ଆଉ ଏକ ହାତୀର ମୃତଦେହ ଠାବ କରାଯାଇଥିଲା। ଅଧିକାଂଶ ଘଟଣାରେ ହାତୀକୁ ବିଦ୍ୟୁତ୍ ଆଘାତ ଦେଇ ହତ୍ୟା କରାଯାଉଛି। ଏହା ସତ୍ତ୍ୱେ ବନ ବିଭାଗ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନଥିବାରୁ ହାତୀ ମୃତ୍ୟୁ ହାର ବଢ଼ିଚାଲିଛି। ଯାହାକି ଉଦ୍‌ବେଗଜନକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି।

